**ସଂକ୍ଷେପରେ**

## ଜେସିବି ମେଶିନ, ୪ ଟ୍ରାକ୍ଟର ଜବତ

ଧର୍ମଶାଳା,୧୭।୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ତହସିଲ ପାଖର ପଞ୍ଚାୟତ ଅନ୍ତର୍ଗତ ଛେଳିଆପଦ ମୌଜାରୁ ବେଆଇନଭାବେ ମାଟି ଉତ୍ତୋଳନ କରୁଥିବା ଏକ ଜେସିବି ମେଶିନ ଓ ୪ ଟ୍ରାକ୍ଟରକୁ ବୁଧବାର ତହସିଲ ପକ୍ଷରୁ ଜବତ କରାଯାଇଛି। ଛେଳିଆପଦାରେ ସରକାରୀ ଜମିରୁ ଜଣେ ଠିକାଦାର ମାଟି ଉଠାଇ ଅନ୍ୟତ୍ର ପକାଉଥିବା ଖବର ପାଇ ତହସିଲଦାର ଶୁଭେନ୍ଦୁ କୁମାର ମହାନ୍ତି, ଆରଆଇ ଚନ୍ଦନ କୁମାର ସାହୁ, ଏଆର୍ଆଇ ଜଗବନ୍ଧୁ ଜେନା ସେଠାରେ ଚଢ଼ାଉ କରିଥିଲେ। ୨ ଟ୍ରାକ୍ଟରରୁ ୩୫ ହଜାର ଲେଖାଏ ୭୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇ ଛଡ଼ା ଯାଇଥିବା ଜଣାଯାଇଛି। ଜବତ ଅନ୍ୟ ୨ ଟ୍ରାକ୍ଟର ଓ ଜେସିବି ମେଶିନକୁ ଧର୍ମଶାଳା ଥାନାରେ ରଖାଯାଇଛି। ଜରିମାନା ଆଦାୟ ପରେ ଗାଡ଼ିଗୁଡ଼ିକୁ ଛଡ଼ାଯିବ ବୋଲି ତହସିଲଦାର ମହାନ୍ତି ସୂଚନା ଦେଇଛନ୍ତି।

## ଭାଲୁଖାଇ ଜଗନ୍ନାଥ ମନ୍ଦିରରେ ସିଧାପ୍ରସାରଣ

ଧର୍ମଶାଳା,୧୭।୧(ବଟକୃଷ୍ଣ ପରିଡ଼ା): ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଧବାର ଲୋକାର୍ପିତ ହୋଇଥିବାବେଳେ ସବୁଠି ଆଧ୍ୟାତ୍ମିକତାର ମହକ ଦେଖିବାକୁ ମିଳିଛି। ଗାଁଠୁ ସହର ସବୁଠି ଜଗନ୍ନାଥମୟ ପରିବେଶ ସୃଷ୍ଟି ହୋଇଛି। ଧର୍ମଶାଳା ବ୍ଲକ ଅଧୀନ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବର ସିଧାପ୍ରସାରଣ କରାଯାଇଛି। କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିବା ପାଇଁ ଭାଲୁଖାଇ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଏଲଇଡି ବ୍ୟବସ୍ଥା କରାଯାଇଥିଲା। ଏଥିସହିତ ମନ୍ଦିରରେ ମହାପ୍ରଭୁଙ୍କ ୨୪ବେଶ ପ୍ରଦର୍ଶିତ ହେବାସହ ଯଜ୍ଞ ଆୟୋଜନ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ବିଧାୟକଙ୍କ ପ୍ରତିନିଧି ନିର୍ମଳ ଚନ୍ଦ୍ର ପ୍ରଧାନଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ବହୁ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ।

## 'ଜଳରେ ରହିଛ ବାବା ବରୁଣେଶ୍ୱର' ଉନ୍ମୋଚିତ

ବିଞ୍ଝାରପୁର,୧୭।୧(ରାମକୃଷ୍ଣ ଦାସ): ବାବା ବରୁଣେଶ୍ୱରଙ୍କ ମହିମାକୁ ଆଧାର କରି ଏକ ସଙ୍ଗୀତ କ୍ୟାସେଟ 'ଜଳରେ ରହିଛ ବାବା ବରୁଣେଶ୍ୱର' ଉନ୍ମୋଚନ ହୋଇଯାଇଛି । ଏହି କ୍ୟାସେଟର ସମସ୍ତ ଗୀତକୁ ଇଂ.ପାର୍ଥ ସାରଥି ଦାସ ରଚନା କରିଥିବା ବେଳେ ମାନସୀ ପାତ୍ର କଣ୍ଠଦାନ କରିଛନ୍ତି । ସଙ୍ଗୀତ ନିର୍ଦ୍ଦେଶକ ଦିନେଶ ମଲିକ ଏହି କ୍ୟାସେଟରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ବାବା ବରୁଣେଶ୍ୱରଙ୍କ ମହିମାକୁ ଏହି କ୍ୟାସେଟ ଲୋକଲୋଚନାକୁ ଆଣିବ ବୋଲି ଗୀତିକାର ଇଂ.ପାର୍ଥସାରଥୀ ଦାସ କହିଛନ୍ତି।

# ଇ-ନିଲାମରେ ଲୁହାପଥର ବ୍ୟବସାୟୀ ମାଲାମାଲ

### ହାତବାନ୍ଧି ବସିଛନ୍ତି ଶିଳ୍ପ ସଂସ୍ଥା

ଯାଜପୁର,୧୭।୧(ହର୍ଷବର୍ଦ୍ଧନ ବେହେରା) ସ୍ଥାନୀୟ ଇସ୍ପାତ କାରଖାନାଗୁଡ଼ିକ ଚାଲିବାପାଇଁ ଲୁହାପଥର କଞ୍ଚାମାଲ ରୂପରେ ଆବଶ୍ୟକ କରିଥାନ୍ତି। ଏହି ଆବଶ୍ୟକତାକୁ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ଦୀର୍ଘ ବର୍ଷ ହେଲା ପୂରଣ କରିଆସୁଛି। ହେଲେ ବିଡ଼ମ୍ବନା ଯେ, ଗୋଟିଏ ପଟେ ସ୍ଥାନୀୟ ଇସ୍ପାତ କାରଖାନାଗୁଡ଼ିକ ଆବଶ୍ୟକ ଲୁହାପଥର ପାଇଁ ଡହଳବିକଳ ହେଉଥିବାବେଳେ ଖଣି ନିଗମ ଇ-ନିଲାମ ପ୍ରକ୍ରିୟାରେ ଲୁହାପଥର ବ୍ୟବସାୟୀଙ୍କୁ କ୍ରୟ କରିବା ପାଇଁ ଅନୁମତି ମିଳିଛି। ଏହି ଲୁହାପଥର ବ୍ୟବସାୟୀମାନେ ଓଏମ୍‌ସି ଇ-ନିଲାମ ପ୍ରକ୍ରିୟାରେ ପ୍ରଚୁର ପରିମାଣର ଲୁହାପଥର କିଣି ଚଢ଼ା ମୂଲ୍ୟରେ ରପ୍ତାନି କରୁଛନ୍ତି। ହେଲେ ଆବଶ୍ୟକ ଲୁହାପଥର ନ ପାଇ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଅନେକ କାରଖାନା ବନ୍ଦ ହେବା ସ୍ଥିତି ଉପୁଜିଛି ବୋଲି ମତପ୍ରକାଶ ପାଇଛି।

ସୂଚନା ଅନୁସାରେ ୨୦୧୫ ଠାରୁ ଖଣି ନିଗମ ଇ-ନିଲାମ ବ୍ୟବସ୍ଥା ଲାଗୁ ହୋଇଛି। ସେହିଦିନଠାରୁ କେବେବି ଲୁହାପଥର ବ୍ୟବସାୟୀମାନଙ୍କୁ ନିଲାମ ପ୍ରକ୍ରିୟାରେ ଭାଗ ନେବା ପାଇଁ ନିଗମ ଅନୁମତି ଦେଉ ନ ଥିଲା। କେବଳ କାରଖାନା ପ୍ରତିଷ୍ଠା କରିଥିବା ଶିଳ୍ପ ସଂସ୍ଥାଗୁଡ଼ିକୁ ନିଲାମ ପ୍ରକ୍ରିୟାରେ ଭାଗ ନେବା ପାଇଁ ଅନୁମତି ଦିଆଯାଇଥିଲା। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ଗତ ନଭେମ୍ବରଠାରୁ ଖଣି ନିଗମ ଲୁହାପଥର ବ୍ୟବସାୟୀମାନଙ୍କୁ ଜାତୀୟ ନିଲାମ ପ୍ରକ୍ରିୟାରେ ଭାଗ ନେବା ପାଇଁ ଅନୁମତି ଦେଇଛି। ଫଳରେ ଖଣି ନିଗମ ଅଧୀନରେ ଥିବା ସମସ୍ତ ଲୁହାପଥର ଖଣିର ନିଲାମ ପ୍ରକ୍ରିୟାରେ ଭାଗନେଇ ଲୁହାପଥର ବ୍ୟବସାୟୀମାନେ ଲୁହାପଥର କିଣି ଚାଇନାକୁ ରପ୍ତାନି କରି ବିପୁଳ ଅର୍ଥ ରୋଜଗାର କରୁଛନ୍ତି। ଯଦି ଆଗାମୀ ଇ-ନିଲାମରେ ଏଭଳି ପ୍ରକ୍ରିୟା ଜାରି ରଖାଯାଏ, ତେବେ ସ୍ଥାନୀୟ ଶିଳ୍ପଗୁଡ଼ିକ ସେମାନଙ୍କର କାର୍ଯ୍ୟ ବନ୍ଦ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ପାଇବେ ନାହିଁ ଏବଂ ଶେଷରେ ଲୋକଙ୍କ ଜୀବିକା ବିପଦରେ ପଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ସ୍ଥାନୀୟ ଶିଳ୍ପଗୁଡ଼ିକୁ ବନ୍ଦରୁ ରକ୍ଷା କରିବା ପାଇଁ ଓଡ଼ିଶା ସରକାର ଏବଂ ଓଏମସି ତୁରନ୍ତ ପଦକ୍ଷେପ ନେବା ସହିତ ବ୍ୟବସାୟୀମାନଙ୍କୁ ଇ-ନିଲାମରେ ଅଂଶଗ୍ରହଣ କରିବାରୁ ରୋକ ଲଗାନ୍ତୁ ବୋଲି ସ୍ଥାନୀୟ ଶିଳ୍ପ ସମୂହ ସରକାରଙ୍କ ନିକଟରେ ଦାବି କରିଛନ୍ତି।

# ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଶିଶୁ ଯତ୍ନଗୃହର ଭିତ୍ତିପ୍ରସ୍ତର



ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ସ୍ପୋର୍ଟ୍ସ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

କଳିଙ୍ଗନଗର,୧୭।୧(ଶୁଭାଶିଷ ରାଉତ): କଳିଙ୍ଗନଗର ଶିଳ୍ପାଞ୍ଚଳର ଜଖପୁରାଠାରେ ୪୨ କୋଟି ଟଙ୍କା ବ୍ୟୟ ଅଟକଳରେ ୩୦ ଏକର ଜମିରେ ନିର୍ମାଣ ହେବାକୁ ଥିବା କଳିଙ୍ଗନଗର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ ଶିଶୁ ଯତ୍ନ ପ୍ରତିଷ୍ଠାନ ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଗ୍ରାମ୍ୟ ଉନ୍ନୟନ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନିତ ଅତିଥିଭାବେ ଦାନଗଦି ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ଉପାଧ୍ୟକ୍ଷ ଅଜୟ କୁମାର ବିନ୍ଧାଣି, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି, ଜିଲା ପରିଷଦ ସଭ୍ୟା ସୁଚିତ୍ରା ବିଶାଳ, ସ୍ଥାନୀୟ ସରପଞ୍ଚ ଅରୁଣ ଜ୍ୟୋତି ସାମଲ ଓ ପ୍ରସନ୍ନଜିତ ନାୟକ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଏହି ସ୍ପୋର୍ଟସ କମ୍ପ୍ଲେକ୍ସରେ ସ୍ଥାନୀୟ ଶିଳ୍ପାଞ୍ଚଳର ଯୁବତୀଯୁବକଙ୍କୁ ଉନ୍ନତ ମାନର ଟ୍ରେନିଂ ପ୍ରଦାନ କରାଯିବ। ସୁକିନ୍ଦା-ଦାନଗଦୀ ସହ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ରହୁଥିବା ଖେଳାଳିଙ୍କ ପ୍ରତିଭା ବିକାଶରେ ଏହି କମ୍ପ୍ଲେକ୍ସ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏଠାରେ ଫୁଟବଲ, କ୍ରିକେଟ ସହ ବିଭିନ୍ନ ପ୍ରକାର ଇନ୍‌ଡୋର ଗେମ ଖେଳାଯିବ। ୨୪ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ସୂଚନା ଦିଆଯାଇଛି। ଏହି ଉପଲକ୍ଷେ ଜଖପୁରା ଗାଁ ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ୨ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ମନ୍ତ୍ରୀଙ୍କୁ ଖେଳପଡିଆ ନିକଟକୁ ପାଛୋଟି ନେଇଥିଲେ।

# ୧୭ ଛାତ୍ରୀଛାତ୍ରଙ୍କୁ ଟାଟା ଷ୍ଟିଲ୍ ପରିବାର ଶିକ୍ଷାବୃତ୍ତି ପ୍ରଦାନ


ଟାଟା ଷ୍ଟିଲ୍ ପରିବାର ପକ୍ଷରୁ ଶିକ୍ଷାବୃତ୍ତି ପାଇଥିବା ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

କଳିଙ୍ଗନଗର,୧୭।୧(ଶୁଭାଶିଷ ରାଉତ): କଳିଙ୍ଗନଗର ଟାଟା ଷ୍ଟିଲ୍ ପକ୍ଷରୁ ବିସ୍ଥାପିତ ପରିବାରର ୧୭ ଜଣ ଛାତ୍ରୀଛାତ୍ରଙ୍କୁ ଡୁବୁରି ନିକଟ ଟାଟା ଷ୍ଟିଲ କଳିଙ୍ଗନଗରର କର୍ପୋରେଟ ସର୍ଭିସେସ ହଲ୍‌ଠାରେ ଟାଟା ଷ୍ଟିଲ ପରିବାର ଶିକ୍ଷାବୃତ୍ତି୨୦୨୩-୨୪ ପ୍ରଦାନ କରାଯାଇଛି। ଏଥିରେ ଟାଟାଷ୍ଟିଲ୍ କର୍ପୋରେଟ ସର୍ଭିସେସ୍ ମୁଖ୍ୟ ଦେବଦୂତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିଭାବେ ଟାଟା ଷ୍ଟିଲ କଳିଙ୍ଗନଗର ୱାର୍କର୍ସ ୟୁନିୟନର ସଭାପତି ରବୀନ୍ଦ୍ର ଜାମୁଦା, ଗୋଷ୍ଠୀ ନେତା ବିରେନ ଜାମୁଦା ଓ ଡାବର ଆଙ୍ଗରାଇ ପ୍ରମୁଖ ଯୋଗ ଦେଇଥିଲେ। ୨୦୨୩-୨୪ ପାଇଁ ୧୭ ସ୍କଲାରସିପ ମଧ୍ୟରୁ ୬ ନୂଆ ଛାତ୍ରୀଛାତ୍ରଙ୍କୁ ଏହି ସ୍କଲାରସିପ ମିଳିଛି। ୧୭ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩ ଇଞ୍ଜିନିୟରିଂ ପଢୁଥିବାବେଳେ ୧୪ ଜଣ ବିଭିନ୍ନ ଇଞ୍ଜିନିୟରିଂ ବିଭାଗରେ ଡିପ୍ଲୋମା ପଢୁଛନ୍ତି। ଏହି ଶିକ୍ଷାବୃତ୍ତିରେ ଟ୍ୟୁସନ ଫି', ନାମଲେଖା ଫି' ଏବଂ ହଷ୍ଟେଲ ଦେୟ ସାମିଲ ରହିଛି। ୨୦୦୭ରେ ଆରମ୍ଭ ହୋଇଥିବା ଟାଟା ଷ୍ଟିଲ ପରିବାର ଶିକ୍ଷାବୃତ୍ତି କଳିଙ୍ଗନଗରରେ ଲାଗୁ ହୋଇଥିବା ସରକାରଙ୍କ ପୁନର୍ବାସ ଓ ଥଇଥାନ ମାର୍ଗଦର୍ଶିକାର ନିର୍ଦ୍ଦେଶାବଳୀର ଊର୍ଦ୍ଧ୍ୱରେ କାମ କରୁଛି। ଏହି କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କୁ ବିଟେକ, ଏମ୍‌ବିବିଏସ, ଏମ୍‌ବିଏ ଏବଂ ଡିପ୍ଲୋମା ଇଞ୍ଜିନିୟରିଂ ଭଳି ପାଠ୍ୟକ୍ରମରେ ପଢ଼ିବା ପାଇଁ ସହାୟତା ପ୍ରଦାନ କରାଯାଉଛି।

## ନାରାୟଣ ଚନ୍ଦ୍ର ପଟ୍ଟନାୟକଙ୍କୁ ଅଖିଳଚକ୍ର ସମ୍ମାନ

ଝୁମ୍ପୁରୀ,୧୭।୧(ସରୋଜ ନାୟକ): ଦଶରଥପୁର ବ୍ଲକ୍ ଅସନପୁର ପଞ୍ଚାୟତ ଚଣ୍ଡୀପୁର ଗ୍ରାମର ଋତ୍ୱିକ ନାରାୟଣ ଚନ୍ଦ୍ର ପଟ୍ଟନାୟକଙ୍କୁ ଜୀବନବ୍ୟାପୀ ସତ୍ୟନିଷ୍ଠା ଆଧ୍ୟାତ୍ମିକ ସାଧନା ପାଇଁ ସାରସ୍ୱତ ସଙ୍ଗଠନ ଅଖିଳଚକ୍ରର ମକର ମିଳନ ଉତ୍ସବରେ ଅଖିଳଚକ୍ର ସମ୍ମାନ ପ୍ରଦାନ କରାଯାଇଛି। ସଙ୍ଗଠନ ପକ୍ଷରୁ ଆୟୋଜିତ ଉତ୍ସବରେ ବାଚସ୍ପତି ପ୍ରମିଳା ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପଟ୍ଟନାୟକଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଅନ୍ୟପକ୍ଷରେ ସେ ଏହି ସମ୍ମାନ ପାଇବା ପରେ ତାଙ୍କୁ ଦଶରଥପୁର ସତ୍‌ସଙ୍ଗ କେନ୍ଦ୍ର, ବିଞ୍ଝାରପୁର ସତ୍‌ସଙ୍ଗ ବିହାର, ଯାଜପୁର ସତ୍‌ସଙ୍ଗ ବିହାର, ପ୍ରୀତିପୁର ସତ୍‌ସଙ୍ଗ କେନ୍ଦ୍ର, ପୂର୍ବାଞ୍ଚଳ ସାହିତ୍ୟ ସାଂସ୍କୃତିକ ପରିଷଦ, ଆଦିନେତା ବିଚିତ୍ରାନନ୍ଦ ଆକାଶବାଣୀ ଶିଶୁ ଶ୍ରୋତା ସମିତି ଓ ସାବିତ୍ରୀ ଫାଉଣ୍ଡେଶନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଲୋକାର୍ପଣ ହେଲା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

**ପଛିକୋଟ ଜଗନ୍ନାଥ ମନ୍ଦିରରେ ୧ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ**

କୋରେଇ,୧୭।୧(ଚନ୍ଦ୍ରକାନ୍ତ ପତି): କୋରେଇରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ବୁଧବାର ଲୋକାର୍ପଣ କରାଯାଇଛି। ସମସ୍ତ ପଞ୍ଚାୟତରେ ଅର୍ପଣ ରଥକୁ ପ୍ରଭୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁ ଅର୍ପଣ କରିଥିବା ଅରୁଆ ଚାଉଳ, ଗୁଆ, ନଡ଼ିଆ ଏବଂ ଅର୍ଥ ଆଦି ପଛିକୋଟଗଡ଼ରେ ଥିବା ପ୍ରଭୁ ଜଗନ୍ନାଥଙ୍କ ମନ୍ଦିରରେ ଅର୍ପଣ କରାଯାଇଛି।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅବସରରେ ମନ୍ଦିର ପ୍ରାଙ୍ଗଣରେ ନିର୍ବାଚନମଣ୍ଡଳୀସ୍ତରୀୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିରରେ ପୂଜାର୍ଚ୍ଚନା ସହ ଯଜ୍ଞ ହୋଇଥିଲା। କଣ୍ଠଶିଳ୍ପୀ ଇରା ମହାନ୍ତି ଓ ସାଥୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଏଲ୍‌ଇଡି ମାଧ୍ୟମରେ ପୁରୀରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବର ସିଧାପ୍ରସାରଣ କରାଯାଇଥିଲା। ଏଥିରେ ବ୍ଲକର ସମସ୍ତ ପଞ୍ଚାୟତରୁ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କାର୍ଯ୍ୟକ୍ରମରେ ବିଧାୟକ ଅଶୋକ ବଳ, ବିଡିଓ ଅଶୋକ ମାଝି, କୋରେଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ବ୍ଲକ ବିଜେଡି ଯୁବ ସଭାପତି ସୌଭାଗ୍ୟ ମହାନ୍ତି, ସସ୍ମିତା ତରାଇ, କାଚରାସାହି ସରପଞ୍ଚ ଗୌରୀଶଙ୍କର ମହାପାତ୍ର, ଦିଲୀପ ସ୍ୱାଇଁ, ସାରଙ୍ଗ ପ୍ରଧାନ, ରାଜେନ୍ଦ୍ର ରାଉତରାୟ, ବିଭିନ୍ନ ପଦାଧିକାରୀ ଓ ପଞ୍ଚାୟତ ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।


ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଶ୍ରଦ୍ଧାଳୁ।

# ଉନ୍ନୟନ କାର୍ଯ୍ୟ ଆରମ୍ଭ ନ ହେବାରୁ ଅସନ୍ତୋଷ

ଧର୍ମଶାଳା,୧୭।୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ ଧର୍ମଶାଳାର ବିକାଶ ପାଇଁ କରିଥିବା ଉଦ୍ୟମ ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ପାରିନାହିଁ। ଫଳରେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତାଙ୍କ ଉଦ୍ୟମରେ ଉନ୍ନୟନମୂଳକ କାର୍ଯ୍ୟ ମଞ୍ଜୁର ହୋଇଥିଲେ ବି ନିର୍ମାଣ ଆରମ୍ଭ ହୋଇ ନ ଥିବାରୁ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ମୁତାବକ, ଜାରକା ଆଖପାଖ ଅଞ୍ଚଳରେ ଶ୍ମଶାନ ନ ଥିବାରୁ ପ୍ରଭୁ ଗୋକର୍ଣ୍ଣେଶ୍ୱରଙ୍କ ନାମରେ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ନିର୍ମାଣ କରିବାକୁ ଲାବଣ୍ୟ ଜିଲା ପ୍ରଶାସନ ନିକଟରେ ଦାବି କରିଥିଲେ। ଏଥିପାଇଁ ପ୍ରଶାସନ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟ ବ୍ରାହ୍ମଣୀ ନଦୀକୂଳରେ ଅଢ଼େଇ ଏକର ଜମି ଯୋଗାଇଦେବା ସହିତ ଏହାର ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଛି। ହେଲେ ଅଦ୍ୟାବଧି ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ସେହିପରି ଲାବଣ୍ୟ ଜାରକା ଫ୍ଲାଏଓଭର ବ୍ରିଜ ନିକଟ ରାସ୍ତାର ଉଭୟ ପାର୍ଶ୍ୱରେ ୨ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖିଥିଲେ ମଧ୍ୟ ଏ ଯାଏ ତାହା କାର୍ଯ୍ୟ ଆରମ୍ଭ ହୋଇନାହିଁ। ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଅରଙ୍ଗାବାଦ ଗ୍ରାମରେ ମହିଳା କାରିଗରମାନେ ଦୀର୍ଘଦିନ ଧରି ଚାନ୍ଦୁଆ ତିଆରି କରି ଆସୁଥିବାରୁ ସେମାନଙ୍କ ପାଇଁ ଏଠାରେ ଏକ ସିଏଫ୍‌ସି ପ୍ରତିଷ୍ଠା କରିବାକୁ ଲାବଣ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଦାବି କରିଥିଲେ। ଏହାପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସିଏଫ୍‌ସି ପ୍ରତିଷ୍ଠା ନେଇ ଯାଜପୁର ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ ନିକଟକୁ ନିର୍ଦ୍ଦେଶ ଆସିଛି। ହେଲେ ଏହା ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ।

ଲାବଣ୍ୟଙ୍କ ଅକ୍ଟୋବର ୩୦ରେ ଆକସ୍ମିକ ବିୟୋଗ ହୋଇଥିବାବେଳେ ତାଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଉନ୍ନୟମମୂଳକ କାର୍ଯ୍ୟର କାର୍ଯ୍ୟକାରିତା ନେଇ ଅନିଶ୍ଚିତତା ଦେଖାଦେଇଛି। ସ୍ୱର୍ଗଦ୍ୱାର ନିର୍ମାଣ ଆରମ୍ଭ ପାଇଁ ଲାବଣ୍ୟ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ଅଗଷ୍ଟରେ ସାକ୍ଷାତ କରି ଅନୁରୋଧ କରିଥିଲେ। ସେ ଏହି କାର୍ଯ୍ୟ ସେପ୍ଟେମ୍ବର ୧୫ ସୁଦ୍ଧା ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିବା ଲାବଣ୍ୟଙ୍କ ପୁତ୍ର ତଥା ହରିଶଙ୍କର ମହାବିଦ୍ୟାଳୟ ଅଧ୍ୟକ୍ଷ ବଳଭଦ୍ର ଦାଶ ଏବଂ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ପ୍ରକାଶ କରିଛନ୍ତି। ତେଣୁ ଅସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ କରିବା ସହିତ ମଞ୍ଜୁର ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ରାତ୍ରିକାଳୀନ କ୍ରିକେଟ: ହରିଦାସପୁର ଚାମ୍ପିୟନ

ଚଣ୍ଡିଖୋଲ,୧୭।୧(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ବ୍ଲକ ଅନ୍ତର୍ଗତ ଖୋସାଲିପୁର ଖେଳ ପଡ଼ିଆଠାରେ ୩ ଦିନବ୍ୟାପୀ ମା' ନଳୁଆଶୁଣୀ କପ୍ ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଜେନା ବ୍ରଦର୍ସ କ୍ରିକେଟ କ୍ଲବ ଆୟୋଜନରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ହରିଦାସପୁର ଟିମ୍ ଚାମ୍ପିୟନ ହୋଇଛି।

ଫାଇନାଲ ମ୍ୟାଚ୍ ସତ୍ୟନାରାୟଣ କ୍ରିକେଟ କ୍ଲବ ନିଶିମଳା ଓ ହରିଦାସପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ନିଶିମଳା ଦଳ ବ୍ୟାଟିଂକରି ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୮୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁରଜ ସର୍ବାଧିକ ୨୯ ରନ ସଂଗ୍ରହ କରି ବେଷ୍ଟ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଥିଲେ। ହରିଦାସପୁର ଟିମ୍ ୧୪ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟ ହାସଲ କରିଥିଲା। ଦଳପକ୍ଷରୁ ରାଜେସ ଭଦ୍ର ସର୍ବାଧିକ ୨୯ ରନ ସଂଗ୍ରହ କରିବା ସହ ମ୍ୟାନ୍ ଅଫ ଦି ସିରିଜ ହୋଇଥିଲେ। ଅନ୍ୟତମ ବ୍ୟାଟ୍ସମ୍ୟାନ କିରଣ କୁମାରଙ୍କୁ ଜେକେ ଟାୟାର ପକ୍ଷରୁ ବାପୁଜି ଜେନା ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଉପବିଜେତା ଦଳ ନିଶିମଳାକୁ ଦେବଦତ୍ତ ଜେନା ଟ୍ରଫି ପ୍ରଦାନ କରିଥିଲେ। ଖେଳ ଆରମ୍ଭ ପୂର୍ବରୁ ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶିକ୍ଷକ ମହେନ୍ଦ୍ର ନାୟକ ଓ ମୃତ୍ୟୁଞ୍ଜୟ ଜେନା ଆନୁଷ୍ଠାନିକ ଭାବେ ଖେଳର ଶୁଭାରମ୍ଭ କରିଥିଲେ। ପ୍ରମୋଦ ଜେନାଙ୍କ ସଞ୍ଚାଳନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ରଞ୍ଜନ ଜେନା ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରିଥିଲେ। ଖେଳକୁ ବିକ୍ରମ ଜେନା ଓ ପ୍ରସନ୍ନଜିତ ଜେନା ପରିଚାଳନା କରିଥିଲେ। ଦେବେନ୍ଦ୍ର ଜେନା, ଏମ୍‌ଡି ମୁସ୍ତାକ, ସୂର୍ଯ୍ୟକାନ୍ତ ଜେନା ଓ ସୁକାନ୍ତ ଜେନା ଭାଷ୍ୟକାର ଭାର ଗ୍ରହଣ କରିଥିଲେ। ବିକାଶ ଜେନା, ସିମନ ସାହୁ, ରତିକାନ୍ତ ଜେନା, ବିଶ୍ୱଜିତ ଜେନା, ମନୋରଞ୍ଜନ ଜେନା, ଅବିନାଶ ଜେନା ପ୍ରମୁଖ ଜେନା ବ୍ରଦର୍ସର ସମସ୍ତ ସଭ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଶାନ୍ତ ଜେନା ଧନ୍ୟବାଦ ଦେଇଥିଲେ।


ଖେଳ ପୂର୍ବରୁ ଖେଳାଳିମାନେ ପରସ୍ପର କରମର୍ଦ୍ଦନ କରୁଛନ୍ତି।

## ମହାପୁରୁଷ ହାଡ଼ିଦାସ ଜୟନ୍ତୀ ଉଦ୍‌ଯାପିତ

ଛତିଆ,୧୭।୧(ସୌମ୍ୟ ରଞ୍ଜନ ସାହୁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଚମ୍ପାପୁରଠାରେ ତିନି ଦିନ ଧରି ଅନୁଷ୍ଠିତ ହେଉଥିବା ମହାପୁରୁଷ ହାଡ଼ିଦାସଙ୍କ ୨୫୨ତମ ଜୟନ୍ତୀ ମହୋତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ପ୍ରବଚକ କେଶବ ଦ୍ୱିତୀକୃଷ୍ଣ ଦାସଙ୍କ ପ୍ରବଚନରେ ଉପସ୍ଥିତ ଶତାଧିକ ଶ୍ରଦ୍ଧାଳୁ ବିଭୋର ହୋଇଥିଲେ। ପରେ କୁନିକୁନି ପିଲାଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବଡ଼ଚଣା କଂଗ୍ରେସ ନେତା ରାଜନାରାୟଣ ମହାପାତ୍ର ଯୋଗଦେଇଥିଲେ। ପ୍ରତି ସନ୍ଧ୍ୟାରେ ହାଡ଼ିଦାସଙ୍କ ମାଳିକା ସମ୍ପର୍କିତ ପ୍ରବଚନ ଶ୍ରବଣ କରି ଶ୍ରଦ୍ଧାଳୁ ଆଧ୍ୟାତ୍ମିକ ପରିବେଶରେ ମତୁଆଲା ହୋଇଥିବା ଦେଖିବାକୁ ମିଳିଥିଲା। ହାଡ଼ିଦାସ ଜୟନ୍ତୀ କମିଟି ସମ୍ପାଦକ ଦିଲୀପ ରାଉତଙ୍କ ତତ୍ତ୍ୱାବଧାନରେ ଶୃଙ୍ଖଳାର ସହ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କମିଟି ସଭାପତି ତଥା ଛତିଆବଟ ମଣିମା ପ୍ରଦ୍ୟୁମ୍ନ କୁମାର ଦାସ, ଉପସଭାପତି ଧ୍ରୁବଚରଣ ପ୍ରଧାନଙ୍କ ସମେତ ଚମ୍ପାପୁର ଗ୍ରାମ ଆଖପାଖ ଅଞ୍ଚଳ ଲୋକେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବାପୁଜୀ ସ୍ପୋର୍ଟିଂ କ୍ଲବ୍ ଚାମ୍ପିୟନ


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

### ଚକାଆଖି ସ୍ପୋର୍ଟିଂ କ୍ଲବ କ୍ରିକେଟ୍

ଜେନାପୁର,୧୭।୧(ଅଶୋକ ଦାସ): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ରାମଚନ୍ଦ୍ରପୁରଠାରେ ୭ ଦିନଧରି ଚାଲିଥିବା ୨୭ତମ ଚକାଆଖି ସ୍ପୋର୍ଟିଂ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱର ବାପୁଜୀ ସ୍ପୋର୍ଟିଂ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ବାପୁଜୀ ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର ଓ ଖୋର୍ଦ୍ଧା ରେଲୱେ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ରେଲୱେ ଟିମ୍ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ବାପୁଜୀ ସ୍ପୋର୍ଟିଂ କ୍ଲବ ବ୍ୟାଟିଂକରି ୨୫ ଓଭର ଖେଳି ୭ ଉଇକେଟ ହରାଇ ୨୨୩ ରନ ସଂଗ୍ରହ କରିଥିଲା। ଖୋର୍ଦ୍ଧା ରେଲୱେ ୨୩ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୭୯ରନ କରି ପରାଜୟବରଣ କରିଥିଲା। ଟୁର୍ନାମେଣ୍ଟରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରହଲ୍ଲାଦ ଲେଙ୍କା, ସହାଣୀଡିହ ସରପଞ୍ଚଙ୍କ ପ୍ରତିନିଧି ବାବୁଲି ସାମଲ, ସରୋଜ ରାଉତ, ଲକ୍ଷ୍ମୀଧର କରଣ ଓ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ସଂକ୍ଷେପରେ

### ଆଡ୍‌ଭୋକେଟ ଓ ରେଭିନ୍ୟୁ ବିଭାଗ କର୍ମଚାରୀଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ

**ଆଡ୍‌ଭୋକେଟ ରୟାଲସକୁ ହରାଇଲା ରେଭିନ୍ୟୁ ୱାରିୟର**

**ଆଳି,୧୭।୧(ବନମାଳୀ ସେନାପତି):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ତହସିଲରେ କାର୍ଯ୍ୟରତ କର୍ମଚାରୀ ଓ ଓକିଲ ମାନଙ୍କୁ ନେଇ ଆଳି ବ୍ଲକ ନିଆଳ ପଞ୍ଚାୟତ ତେଲିପାଟଣା ଖେଳ ପଡିଆ ଠାରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରିକେଟ ମ୍ୟାଚରେ ଆଡ଼ଭୋକେଟ ରୟାଲସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୧୭୨ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ରେଭିନ୍ୟୁ ୱାରିୟର୍ସ ୧୧ ଓଭରରେ ୩ ଉଇକେଟ ହରାଇ ୧୭୩ ରନ କରି ମ୍ୟାଚ ଜିତିଥିଲା । ରେଭିନ୍ୟୁ ବିଭାଗର ଦିଲୀପ ପାତ୍ର ସର୍ବାଧିକ ୧୨୦ ରନ ସଂଗ୍ରହ କରି ଟିମକୁ ବିଜୟୀ କରିବା ସହିତ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ । ଖେଳ ଶେଷରେ ମା'ମଙ୍ଗଳା ଜୁଏଲର୍ସର ପରିଚାଳକ ଭବାନୀ ଶଙ୍କର ସାହୁ ଆଡ଼ଭୋକେଟ ରୟାଲସ ଟିମକୁ ରନର୍ସଅପ୍ ଟ୍ରଫି ଓ ରେଭିନ୍ୟୁ ୱାରିୟର୍ସ ଟିମକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ । ଏହି ଖେଳକୁ ଉଭୟ ଟିମର ସଦସ୍ୟ ମାନେ ପରିଚାଳନା କରିଥିଲେ ।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ମାର୍ଶାଘାଇ,୧୭।୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ):** କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ପତିସାହି ଗ୍ରାମନିବାସୀ ବୟୋଜ୍ୟେଷ୍ଠ ବ୍ୟକ୍ତି ସନାତନ ପତିଙ୍କ ସୋମବାର ରାତିରେ ପରଲୋକ ଘଟିଛି । ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା । ସେ ଜଣେ ଧର୍ମ ପରାୟଣ, ମିଷ୍ଟଭାଷୀ ଓ ଅନୁଷ୍ଠାନ ପ୍ରେମୀ ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁଶଯ୍ୟା ନିକଟରେ ତିନି ପୁତ୍ର ପ୍ରାଧ୍ୟାପକ ତପନ କୁମାର ପତି,ବରିଷ୍ଠ ଖବରଦାତା ପ୍ରଶନ୍ନ କୁମାର ପତି, ଅରୁଣ କୁମାର ପତି, ପୁତ୍ରବଧୂ ଗୀତାଞ୍ଜଳି ପତି, ଅଧ୍ୟାପିକା ଶାନ୍ତିଲତା ପତି, ଲିଲିନ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାର ଗ୍ରାମ ନିକଟସ୍ଥ ଚିତ୍ରୋତ୍ପଳା ପାର୍ଶ୍ୱସ୍ଥ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ତପନ ମୁଖାଗ୍ନି ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନେ ପତିଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ୨ ଧାନଗଦା ଜଳିଗଲା

**ରାଜନଗର,୧୭।୧ (ଭାସ୍କର ରାଉତରାୟ) :** ରାଜନଗର ବ୍ଲକ ଖମାରସାହି ପଞ୍ଚାୟତର ରାଜେନ୍ଦ୍ର ନାରାୟଣପୁର ଗାଁରେ ବୁଧବାର ଅଗ୍ନିକାଣ୍ଡ ଘଟି ଦୁଇଟି ଧାନଗଦା ପୋଡି ପାଉଁଶ ହୋଇଯାଇଛି। ଏହି ଗାଁର ସୁକୁମାର ମଣ୍ଡଳ ୭ ଏକର ଜମିରେ ଧାନଚାଷ କରିଥିଲେ। ସେ ଖଳାକରି ଧାନକାଟି ଗଦା ମାରିଥିଲେ। ଆଜି ଦିନ ପ୍ରାୟ ୧୦ଟା ସମୟରେ ହଠାତ୍ ଅଗ୍ନିକାଣ୍ଡ ଘଟି ୨ଟି ବଡ ଧାନଗଦା ପୋଡି ପାଉଁଶ ହୋଇଯାଇଛି। ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ସବୁ ପୋଡି ସାରିଥିଲା। ସୁକୁମାର ସାହୁକାରଙ୍କଠାରୁ ଟଙ୍କା ଆଣି ଧାନ ଚାଷ କରିଥିଲେ। ସବୁ ପୋଡି ପାଉଁଶ ହୋଇଯିବା ପରେ ସୁକୁମାର କିପରି ପରିବାର ଚଳାଇବେ ଓ ସାହୁକାରର ଋଣ ସୁଝିବେ ସେ ନେଇ ଚିନ୍ତାରେ ପଡିଛନ୍ତି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### କବି ଚିତ୍ତରଞ୍ଜନ ମିଶ୍ରଙ୍କ ପରଲୋକ

**ରାଜନଗର,୧୭।୧(ଭାସ୍କର ରାଉତରାୟ):** ରାଜନଗର ଅଞ୍ଚଳର ସୁନାମଧନ୍ୟ କବିରାଜ ସ୍ୱର୍ଗତ ବଟକୃଷ୍ଣ ମିଶ୍ରଙ୍କ ଜ୍ୟେଷ୍ଠପୁତ୍ର ବିଶିଷ୍ଟ ସାହିତ୍ୟିକ କବି ଚିତ୍ତ ରଞ୍ଜନ ମିଶ୍ରଙ୍କ ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ମିଶ୍ର କୋଅପରେଟିଭ ସୋସାଇଟିର ସହକାରୀ ରେଜିଷ୍ଟ୍ରାର ଭାବେ କାର୍ଯ୍ୟକରି ଅବିଭକ୍ତ କଟକ ଜିଲାରେ ବେଶ୍ ସୁନାମ ଅର୍ଜନ କରିଥିଲେ। ଓଡିଆ ସାହିତ୍ୟ ଜଗତରେ ସମକାଳୀନ କବି ଭାବେ ସୁଖ୍ୟାତି ଅର୍ଜନ କରିବା ସହିତ ସାହିତ୍ୟ ପ୍ରେମୀଙ୍କ ନିକଟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସ୍ୱର୍ଗତ ମିଶ୍ର ସମବାୟବିତ୍, କବିତା ସଂଯୋଜନାରେ ଅନନ୍ୟ ପ୍ରତିଭାର ପରିଚୟ କରିଥିଲେ। ତାଙ୍କ ପରଲୋକରେ ସମଗ୍ର ରାଜନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ, ବିଶିଷ୍ଟ ଶିକ୍ଷାବିତ୍ ଶରତ ଚନ୍ଦ୍ର ମହାପାତ୍ର, ପ୍ରଫେସର ଅତୁଳ ବଳ, ପ୍ରାଧ୍ୟାପକ ରତ୍ନାକର ନାୟକ, କବି ଅଭିରାମ ସାହୁ, ଭବାନୀ ମହାପାତ୍ର, ଶିକ୍ଷାବିତ୍ ରବିନାରାୟଣ ଲେଙ୍କା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ସବୁଠି ଜୟ ଜଗନ୍ନାଥ ଧ୍ୱନି

## ସାମିଲ ହେଲେ ୧୦ ହଜାର ଭକ୍ତ



ପଟ୍ଟାମୁଣ୍ଡାଇ ପତିତପାବନ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଉତ୍ସବରେ ଯୋଗ ଦେଇଥିବା ଅତିଥି ଓ ଶ୍ରଦ୍ଧାଳୁ।

**ପଟ୍ଟାମୁଣ୍ଡାଇ,୧୭।୧(କଳ୍ପତରୁ ନାୟକ)**

ଶ୍ରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭକ୍ତ ଓ ଠାକୁର ରାଜାଙ୍କ ଉପସ୍ଥିତିରେ ଲୋକାର୍ପିତ କରିଛନ୍ତି । ଏହାର ସିଧା ପ୍ରସାରଣ ଦେଖିବା ପାଇଁ ପଟ୍ଟାମୁଣ୍ଡାଇ ପୌର ପ୍ରଶାସନ ପକ୍ଷରୁ ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଏକ ଭବ୍ୟ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପୁରୀ ଯାଇପାରି ନ ଥିବା ଶ୍ରଦ୍ଧାଳୁମାନେ ଏହି ସମାରୋହରେ ସାମିଲ ହୋଇଥିଲେ । ପଟ୍ଟାମୁଣ୍ଡାଇ ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରିଙ୍କ ପୌରୋହିତ୍ୟରେ ଆୟୋଜିତ ଭବ୍ୟ ସମାରୋହରେ ସ୍ୱାମୀ ଅମୃତାନନ୍ଦ ମହାରାଜ ଉପସ୍ଥିତ ଭକ୍ତମାନଙ୍କୁ ଆଶୀର୍ବାଦ କରିଥିଲେ । ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁଙ୍କ ସମେତ ସମସ୍ତ କାଉନସିଲର ଯୋଗ ଦେଇ ସମବେତ ଭକ୍ତମାନଙ୍କୁ ଉତ୍ସାହିତ କରିଥିଲେ । ବହୁ ପ୍ରତିଷ୍ଠିତ କଳାକାର ଭକ୍ତି ସଙ୍ଗୀତ ଓ ଓଡିଶୀ ଭକ୍ତି ନୃତ୍ୟ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ୫ ହଜାର ଭକ୍ତମଣ୍ଡଳୀ ଯୋଗ ଦେଇଥିଲେ । ସେହିପରି ପଟ୍ଟାମୁଣ୍ଡାଇ ବିଡ଼ିଓ ଶୁଭ୍ରାଂଶୁ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ରାଜନଗର ବିଧାୟକ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଜୟ ଜଗନ୍ନାଥ ଧ୍ୱନି ଦେଇ ସମଗ୍ର ପରିବେଶକୁ ଭକ୍ତିମୟ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଜିଲା ପରିଷଦ ସଦସ୍ୟା ପ୍ରିୟଦର୍ଶନୀ ତରାଇ, ବିଏସ୍ଏସ୍ ଓ ଅନନ୍ତ କିଶୋର ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ସମବେତ ଭକ୍ତମାନଙ୍କୁ ଉତ୍ସାହିତ କରିଥିଲେ । ଭାବଗ୍ରାହୀ କଳା ନିକେତନ ସଭାପତି ସଙ୍ଗୀତଜ୍ଞ ବିମଳ ପରିଡାଙ୍କ ନେତୃତ୍ୱରେ କଳାକାରମାନେ ଭକ୍ତି ସଂଗୀତ ପରିବେଷଣ କରିଥିଲେ । ପଟ୍ଟାମୁଣ୍ଡାଇ ବ୍ଲକର ୩୧ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପିଇଓ,ଜିଆରଏସ୍ ସମେତ ବହୁ ଭକ୍ତମଣ୍ଡଳୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଭୁ ଧବଳେଶ୍ୱର ବରାଳ, ମାନସ ନନ୍ଦ, ଶ୍ରୀଚରଣ ବାରିକ ପରିଚାଳନା କରିଥିଲେ ।

## ମାର୍ଶାଘାଇରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସିଧା ପ୍ରସାରଣ

**ମାର୍ଶାଘାଇ,୧୭।୧(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ):** ମାର୍ଶାଘାଇ ବ୍ଲକସ୍ତରୀୟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକ୍ରମର ସିଧାପ୍ରସାରଣକୁ କୁସୁନପୁରସ୍ଥିତ ଆଖଣ୍ଡଳମଣିଙ୍କ ପୀଠରେ ଶ୍ରଦ୍ଧାଳୁମାନେ ୨ଟି ବଡ଼ ଏଲସିଡି ଟିଭିରେ ଦେଖିଛନ୍ତି । ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ବିଡ଼ିଓ ରଶ୍ମିରେଖା ମଳିକ, ଜିଲା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟ ପ୍ରତାପ ମଳିକ, ସରପଞ୍ଚ ବାବାଜୀ ସ୍ୱାଇଁ, ବିକ୍ରମ କେଶରୀ ଦାସ, ସଞ୍ଜୟ ସେଠୀ, ମନୋଜ ସ୍ୱାଇଁ, ସରପଞ୍ଚ ପ୍ରତିନିଧି ସାରଦା ବେଉରା, ସରୋଜକାନ୍ତ ମଳିକ, ସମିତି ସଭ୍ୟ ଶରତ ପ୍ରଧାନ ସଞ୍ଜୟ ପାତ୍ର ଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଯୋଗ ଦେଇଥିଲେ । ଏହି ଉପଲକ୍ଷେ ଏକ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା । ବ୍ଲକ ପ୍ରଶାସନ ତରଫରୁ ଜିପିଇଓ ରମେଶ ଚନ୍ଦ୍ର ସ୍ୱାଇଁ ବଡବାବୁ ପୂର୍ଣ୍ଣ ଚନ୍ଦ୍ର ସାହୁ, ସୌଭାଗ୍ୟ ଦାସ, ଦୀପକ ସୁତାର ପ୍ରମୁଖ ସହଯୋଗ କରିଥିଲେ ।



## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଉତ୍ସର୍ଗୀକରଣ ସମାରୋହ

**ଡେରାବିଶ,୧୭।୧(ବେବର୍ତ୍ତା ଅଜୟ ଦାସ)**

ପୁରୀ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପରିକ୍ରମା ପ୍ରକଳ୍ପ ବୁଧବାର ଅନୁଷ୍ଠିତ ହୋଇଛି । ଏହି ଅବସରରେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ୍ ପ୍ରଶାସନ ପକ୍ଷରୁ ବ୍ଲକ ଅଧୀନସ୍ଥ କୁଶିଆପାଳ ପଞ୍ଚାୟତ ଶ୍ରୀ ଲଛମନଜୀଉଙ୍କ ମନ୍ଦିର ନିକଟରେ ଉତ୍ସର୍ଗୀକରଣ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ମଙ୍ଗଳ ଅଧିକାରୀ ରଶ୍ମି ଦେବୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାରୋହରେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଳିକ, ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଳିକ, ବ୍ଲକ ଆତ୍ମା ଅଧ୍ୟକ୍ଷ ଗଣେଶ୍ୱର ବେହେରା, ବିଡ଼ିଓ ଦାଶରଥି ଜେନା, ଏବିଡ଼ିଓ ଭଞ୍ଜ କିଶୋର ନାୟକ, କୁଶିଆପାଳ ସରପଞ୍ଚ ଦୟାନିଧି ଦାସ, ସମିତିସଭ୍ୟ ସୁବାସ ଚନ୍ଦ୍ର ସାହୁ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଖଗେଶ୍ୱର ନାୟକଙ୍କ ସମେତ ବ୍ଲକର ବିଭିନ୍ନ ସମ୍ପ୍ରସାରଣ ଅଧିକାରୀ ଓ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧିମାନେ ଉପସ୍ଥିତ ରହି ଶ୍ରୀଜଗନ୍ନାଥଙ୍କ ଲୀଳା ଓ ଅନୁଭୂତି ସମ୍ପର୍କରେ ନିଜର ମତ ରଖିଥିଲେ । ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସମାରୋହରେ ପୁରୀ ବଡ଼ଦାଣ୍ଡରୁ ଲୋକାର୍ପଣ ଉତ୍ସବର ସିଧାପ୍ରସାରଣ ଉପସ୍ଥିତ ଶ୍ରଦ୍ଧାଳୁମାନେ ଦେଖିଥିଲେ ।




ଉତ୍ସର୍ଗୀକରଣ ସମାରୋହରେ ଯୋଗ ଦେଇଥିବା ଅତିଥି।

## ସିଧା ପ୍ରସାରଣ ଦେଖିଲେ ଶ୍ରଦ୍ଧାଳୁ



ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣ ଦେଖିବାକୁ ସାମିଲ ହୋଇଥିବା ଶ୍ରଦ୍ଧାଳୁ।

**ରାଜନଗର,୧୭।୧ (ଭାସ୍କର ରାଉତରାୟ)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମହାଯଜ୍ଞରେ ଠାକୁର ରାଜା ଦିବ୍ୟସିଂହ ଦେବ ପୂର୍ଣ୍ଣାହୂତି ଦେବା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମକୁ ଲୋକାର୍ପଣ କରିବାର ସମ୍ପୂର୍ଣ୍ଣ ଦୃଶ୍ୟ ରାଜନଗରରେ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଧବାର ଟିଭି ପରଦାରେ ଦେଖିଛନ୍ତି। ମହାପ୍ରଭୁଙ୍କ ଏହି ଦିବ୍ୟ କାର୍ଯ୍ୟକ୍ରମ ପାଇଁ ରାଜନଗର ଜଗନ୍ନାଥମୟ ହୋଇ ଉଠିଥିଲା। ବ୍ଲକ ପ୍ରଶାସନ ପକ୍ଷରୁ କେରେଡାଗଡ ଶ୍ରୀ ଜଗନ୍ନାଥ ମନ୍ଦିର ନିକଟରେ ବଡପରଦାରେ ଏହି ଦିବ୍ୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିବାର ବ୍ୟବସ୍ଥା ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳାମାନେ ଅଂଶଗ୍ରହଣ କରିଥିଲେ। ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପୂର୍ବତନ ଅଧ୍ୟକ୍ଷା ଲତିକା ସାହୁ, ବିଡିଓ ନିଶାନ ମିଶ୍ର, ତହସିଲଦାର ଅଜୟ କୁମାର ମହାନ୍ତି, ଆଇଆଇସି ଅଜୟ କୁମାର ଜେନା, ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, କେରେଡାଗଡ ସରପଞ୍ଚ ତାପସ କୁମାର ସାହୁ, ବାଲିସାହିପାଟଣା ସରପଞ୍ଚ କୈଳାସ ଚନ୍ଦ୍ର ପରିଡାଙ୍କ ସମେତ ସମସ୍ତ ସଭ୍ୟ ସରପଞ୍ଚ ଓ ସରକାରୀ ଅଧିକାରୀମାନେ ଯୋଗଦେଇଥିଲେ। ସେହିପରି ରାଜନଗର ଶ୍ରୀ ଦଧିବାମନଜୀଉ ମନ୍ଦିରରେ ଆଜି ଦିନ ତମାମ ସଂକୀର୍ତ୍ତନ ସହିତ ହୋମ ଯଜ୍ଞର ଆୟୋଜନ କରାଯାଇଥିଲା। ସଂକୀର୍ତ୍ତନ ମଣ୍ଡଳୀ ରାଜନଗର ଗାଁ ଓ ବଜାର ପରିକ୍ରମା କରିଥିଲେ। ମହାପ୍ରଭୁଙ୍କ ଦିବ୍ୟ କାର୍ଯ୍ୟକ୍ରମ ଦେଖିବା ପାଇଁ ଟିଭି ପରଦାର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ନାଏବ ସରପଞ୍ଚ ବାଇଧର ସେଠୀ, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ଚିତ୍ତରଞ୍ଜନ ଦାସ, ଅନିରୁଦ୍ଧ ପରିଡା, ବିଜୟ କୁମାର ଗୁପ୍ତା, ବାବାଜୀ ମିଶ୍ର, ରମଣୀ ରଞ୍ଜନ ମହାପାତ୍ର, ଗଙ୍ଗାଧର ସେଠୀ, ବାବୁ ବିଶ୍ୱାଳ, ଅନାଥ ପ୍ରଧାନ, ଦୀପକ କୁମାର ବେହେରା, ରମେଶ ଚନ୍ଦ୍ର ଲାଲ, ଉମେଶ ଚନ୍ଦ୍ର ଦାସ, ବାସୁଦେବ ସାହୁ, ନୃସିଂହ ଲେଙ୍କା, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଲକ କବିତା ପୁରସ୍କାର ପାଇବେ କବି ପିନାକୀ ମିଶ୍ର

**ଆଳି,୧୭।୧ (ବନମାଳୀ ସେନାପତି)**

କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳର ପ୍ରମୁଖ ସାହିତ୍ୟ ପତ୍ରିକା 'ପଲକ'ର ବାର୍ଷିକ ଉତ୍ସବରେ ପଲକ କବିତା ପୁରସ୍କାର ପାଇବେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠ କବି ପିନାକୀ ମିଶ୍ର। ଆଗାମୀ ୨୧ ତାରିଖ ରବିବାର ପୂର୍ବାହ୍ନରେ ସିଙ୍ଗିରି ବଜାର ସ୍ଥିତ ସାଧନା ମଣ୍ଡପ,ସାନାରା ପ୍ୟାଲେସଠାରେ ଏହି ଉତ୍ସବ ଅନୁଷ୍ଠିତ ହେବ। ଦ୍ୱିତୀୟ ପର୍ଯ୍ୟାୟର ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଗାଳ୍ପିକ ଇଂ.ବିଷ୍ଣୁ ସାହୁ,ମୁଖ୍ୟବକ୍ତା ଡ.ନାରାୟଣ ପଣ୍ଡା, ସମ୍ମାନୀତ ଅତିଥି ଭାବରେ ଡକ୍ଟର ଅଞ୍ଜୁମନ ଆରା ଓ ପ୍ରମୋଦ ମଲ୍ଲିକ ଯୋଗଦେବେ।ଏହି ଅଧିବେଶନ ରେ ବରିଷ୍ଠ ଶିକ୍ଷା ବି ଓ ସାହିତ୍ୟିକ ପ୍ରଫେସର ନନ୍ଦ କିଶୋର ପରିଡା ଅଧ୍ୟକ୍ଷତା କରିବେ। ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ କବି ରାମକୃଷ୍ଣ ଦାଶ ଅଧକ୍ଷତା କରିବେ ଓ ମୁଖ୍ୟ ଅତିଥି ଭାବରେ ପରାଗ ସଂପାଦକ କବି ଓ ଗାଳ୍ପିକ ବନମାଳୀ ସେନାପତି ଯୋଗଦେବେ। ଏହି କାର୍ଯ୍ୟକ୍ରମ ରେ କୋଡ଼ିଏ ଜଣ ପରିଚିତ କବି ସେମାନଙ୍କ ର ସ୍ୱରଚିତ କବିତାମାନ ଆବୃତ୍ତି କରିବେ। ଉତ୍ସବରେ ଶରତ ଚନ୍ଦ୍ର ମହାପାତ୍ରଙ୍କୁ ପଲକ ସମ୍ମାନ, କାଳିନ୍ଦୀ ଚରଣ ଜେନାଙ୍କୁ ସାହିତ୍ୟ ସେବା ସମ୍ମାନ, ନାରାୟଣ ପଣ୍ଡା ଙ୍କୁ ପଲକ ପ୍ରବନ୍ଧ ସମ୍ମାନ, ବାସନ୍ତୀ ମହାନ୍ତି ଙ୍କୁ ଗଳ୍ପ ସମ୍ମାନ, ଶ୍ରୀହରି ଧଳଙ୍କୁ କବିତା ସମ୍ମାନ, ଡକ୍ଟର ଶ୍ରୀଧର ସାମଲଙ୍କୁ ଆଦର୍ଶ ସଂପାଦକ ସମ୍ମାନ, ଦେବେନ୍ଦ୍ର ଚୌଧୁରୀଙ୍କୁ ରାଜୁ ପଡିହାରୀ ଶିଶୁ ସାହିତ୍ୟ ସମ୍ମାନ, ଭାଗିରଥି ବେହେରାଙ୍କୁ ଓ ସଚ୍ଚିଦାନନ୍ଦ ମିଶ୍ର ଙ୍କୁ ଅଦୈତମହାନ୍ତି କଥା ସମ୍ମାନ, ରଞ୍ଜନ ବାଇଙ୍କୁ ଧୀବର ଭିକାରୀ କବିତା ସମ୍ମାନ, ଭବାନୀ ମହାପାତ୍ରଙ୍କୁ କବିତା ସଂଯୋଜନା ସମ୍ମାନ, ପ୍ରମୋଦ ମଲ୍ଲିକୁ ସାହିତ୍ୟ ସଂଗଠକ ସମ୍ମାନ,ଆମ ଗାଁ ସାହିତ୍ୟ ପରିଷଦ କୁ ସାହିତ୍ୟ ସଂଗଠନ ସମ୍ମାନ ଦିଆଯିବା ପାଇଁ ସ୍ଥିର ହୋଇ ଥିବା କଥା ପଲକ ପତ୍ରିକା ର ସଂପାଦକ ଶଶିକାନ୍ତ ଦାସ ଜଣାଇଛନ୍ତି। ଏହି ଉତ୍ସବରେ ମଧ "ମନେପଡେ ସେଦିନର କଥା," "ଗୋଟିଏ ଗାଁ ର ଚିତ୍ରପଟ"," ସ୍ୱପ୍ନ ସଂପର୍କ "ଓ "ତୁମପାଇଁ ମୋ କାହାଣୀ ପେଡ଼ି" ପୁସ୍ତକ ଲୋକାର୍ପଣ କରାଯିବ।

## ପ୍ଲାଷ୍ଟିକ ବର୍ଜନ ସଚେତନତା ଶୋଭାଯାତ୍ରା



ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଦ୍ୟାର୍ଥୀ ।

**ପାଟକୁରା,୧୭।୧(ରବୀନ୍ଦ୍ର ନାଥ ବାରିକ )**

ଜନସାଧାରଣ କିଭଳି ପ୍ଲାଷ୍ଟିକ ବର୍ଜନ କରିବା ସହ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରି ପୃଥିବୀକୁ ସବୁଜ ସୁନ୍ଦର ଓ ସବୁଜିମାମୟ କରିପାରିବେ ସେନେଇ ଗରଦପୁର ବ୍ଲକର ଚିତ୍ରୋତ୍ପଳା ମହିଳା ମହାବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ନୂଆ-ଓ ଯୋଜନାରେ ଛାତ୍ରୀମାନେ କୋରୁଆ,ଚାଞ୍ଚୋଳ ସମେତ ବହୁ ଗ୍ରାମକୁ ଶୋଭାଯାତ୍ରାରେ ଯାଇ ଜନସାଧାରଣଙ୍କୁ ଏ ସଂକ୍ରାନ୍ତରେ ସଚେତନ କରିଥିଲେ। ଏହି ଶୋଭାଯାତ୍ରାରେ ଅଧ୍ୟାପକ ପରୀକ୍ଷିତ ନାୟକ, ଅନୁରାଧା ପରିଡ଼ା,ଶୁଭଲକ୍ଷ୍ମୀ ମହାପାତ୍ର ଓ ଭାସ୍କର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

## ମକରବେଢ଼ା ପରିକ୍ରମା କଲେ ଗର୍ତ୍ତେଶ୍ୱର ମହାଦେବ

**ରାଜନଗର,୧୭।୧ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ମୁଖଶାଳା ଗୋସିଗାଁସ୍ଥିତ ପ୍ରାଚୀନ ଶୈବପୀଠ ଶ୍ରୀ ଗର୍ତ୍ତେଶ୍ୱର ମହାଦେବଙ୍କ ବେଢାରେ ପବିତ୍ର ମକରସଂକ୍ରାନ୍ତୀ ଆନନ୍ଦ ଉଲ୍ଲାସ ଓ ଭକ୍ତି ଭାବନା ଭିତରେ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ମକରସଂକ୍ରାନ୍ତୀ ଅବସରରେ ବ୍ରାହ୍ମମୁହୂର୍ତ୍ତରୁ ବାବା ଗର୍ତ୍ତେଶ୍ୱର ମହାଦେବଙ୍କ ନୀତିକାନ୍ତି ଆରମ୍ଭ ହୋଇଥିଲା। ଭୋର ୫ ଟାରେ ମଙ୍ଗଳ ଆରତୀ, ମହାସ୍ନାନ, ସକାଳଭୋଗ, ମଧ୍ୟାହ୍ନ ଭୋଗ, ବିଶ୍ରାମ ଏବଂ ସନ୍ଧ୍ୟା ଆଳତି ଆଦି ନୀତି ନୈବେଦ୍ୟ ଅର୍ପଣ କରାଯାଇଥିଲା। ସନ୍ଧ୍ୟା ୭ଟା ୧୦ରେ ମନ୍ଦିର ବେଢାରେ ସଂକୀର୍ତ୍ତନ, ହରିଧ୍ୱନୀ, ଶଙ୍ଖଧ୍ୱନୀ ଓ ହୁଳହୁଳି ମଧ୍ୟରେ ବାବା ଗର୍ତ୍ତେଶ୍ୱର ଏବଂ ମା' ପାର୍ବତୀଙ୍କ ଚଳନ୍ତି ବିଗ୍ରହକୁ ମନ୍ଦିର ବେଢା ପରିକ୍ରମା କରାଯାଇଥିଲା। ଠାକୁରଙ୍କ ସେବକ ଅକ୍ଷୟ କୁମାର ମିଶ୍ର ଏବଂ ଜଗନ୍ନାଥ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦେବନୀତି ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଶିବ ଭକ୍ତମାନେ ଉପସ୍ଥିତ ରହି ଏହି ବେଢା ପରିକ୍ରମାରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟି ଓ ଗ୍ରାମର ଶ୍ରଦ୍ଧାଳୁ ଭକ୍ତମାନେ ପରିଚାଳନା କରିଥିଲେ। ସେହିପରି ରାଜନଗର ବ୍ଲକ ଶ୍ରୀ ରାଘବେଶ୍ୱର ମହାଦେବ ମନ୍ଦିର, ନାଥପୁରର, ଅଷ୍ଟଶମ୍ଭୁ ମନ୍ଦିର, ଗୋଖଣୀର ଗୋକର୍ଣ୍ଣେଶ୍ୱର ମନ୍ଦିର, ନଛିପଡାର ମଣିବାବା, କେରେଡାଗଡର ବାଲୁଙ୍କେଶ୍ୱର, ରିଘାଗଡର ମଣିବାବା, ରାଜଗଡର ନୀଳକଣ୍ଠେଶ୍ୱର, ଚମ୍ପାଦିଆର ସିଦ୍ଧେଶ୍ୱର, ନୁରୁଗାଁ, ବାଲିକଣା ଶାସନ ପ୍ରଭୃତି ଗ୍ରାମର ଶୈବପୀଠରେ ମକରବେଢା ପରିକ୍ରମା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।



ଗର୍ତ୍ତେଶ୍ୱରମ ମହାଦେବଙ୍କ ଚଳନ୍ତି ପ୍ରତିମାକୁ ମକରବେଢ଼ା ପରିକ୍ରମା କରାଯାଉଛି।

## ସଂକ୍ଷେପରେ

### ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି/ଚିକିଟି,୧୭।୧ (ଅଶେଷନାଥ ମିଶ୍ର/ପ୍ରକାଶ ଚନ୍ଦ୍ର ସାହୁ): ଚିକିଟି ବ୍ଲକ ବୀରସିଂହପୁର ଗ୍ରାମରେ ରହୁଥିବା ଦିଗପହଣ୍ଡି ଥାନା ପଦ୍ମନାଭପୁର ଗ୍ରାମର ସିଡୁ ଓରଫ ଧନେଶ୍ୱର ସେଠୀଙ୍କୁ ହତ୍ୟା ଉଦ୍ୟମ ମାମଲାରେ ବୁଧବାର କେ.ନୂଆଗାଁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ସୋମବାର ସନ୍ଧ୍ୟାରେ ଅଭିଯୁକ୍ତ ଏକ ବାଇକ ଯୋଗେ ପତିଗୋବିନ୍ଦପୁର ଗ୍ରାମକୁ ଯାଇ ନିଶାସକ୍ତ ଅବସ୍ଥାରେ ଗ୍ରାମର ଶ୍ରୀନିବାସ ପତିଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଏକ ବ୍ଲେଡରେ ତାଙ୍କ ଗଳା ଏବଂ ଶରୀରର ବିଭିନ୍ନ ଅଂଶକୁ ଆକ୍ରମଣ କରିଥିଲେ। ପାଟି ଶୁଣି ତାଙ୍କ ସାନ ଭଉଣୀ ଅନିତା ଛଡ଼ାଇବାକୁ ଆସିବାରୁ ତାଙ୍କ ବାମ ହାତକୁ ବ୍ଲେଡରେ କାଟି ଦେଇଥିଲେ। ପରେ ଆଖପାଖରେ ଥିବା ଗ୍ରାମବାସୀ ଦୌଡ଼ି ଆସିବାରୁ ଅଭିଯୁକ୍ତ ସିଡୁ ସେଠାରୁ ଚମ୍ପଟ ମାରିଥିଲେ।

### ବାଲି ଚୋରାଚାଲାଣ, ୪ ଟ୍ରାକ୍ଟର ଜବତ

ହିଞ୍ଜିଳିକାଟୁ, ୧୭।୧ (ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳି ଥାନା ପୁଲିସ ବେଆଇନ ବାଲି ଚୋରାଚାଲାଣ କରୁଥିବା ୪ଟି ଟ୍ରାକ୍ଟରକୁ ମଙ୍ଗଳବାର ବିଳମ୍ବିତ ରାତିରେ ଜବତ କରିଛି। ବାଲିମାଫିଆମାନେ ଘୋଡାହାଡ ଓ ଋଷିକୂଲ୍ୟା ନଦୀର ଚାନ୍ଦୁଲି, ଖଣ୍ଡରା, ଖରିଡା, ଶିକିରି, ପିତଳ ପ୍ରଭୃତି ଅଞ୍ଚଳରୁ ଶତାଧିକ ହାଇୱା, ଟ୍ରକ, ଟ୍ରାକ୍ଟରରେ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା। ମଙ୍ଗଳବାର ରାତିରେ ହିଞ୍ଜିଳି ପୁଲିସର ଏକ ଟିମ କରେଇଗୁଣ୍ଡୀ ନିକଟରେ ଚଢ଼ାଉ କରି ୪ଟି ଟ୍ରାକ୍ଟରକୁ ଜବତ କରିଛି।

### ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ନିମନ୍ତ୍ରଣପତ୍ର ବଣ୍ଟନ

ବୁଗୁଡ଼ା, ୧୭।୧ (କାଳିଚରଣ ଦାଶ): ଆସନ୍ତା ୨୨ ତାରିଖରେ ପ୍ରଭୁ ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା କରାଯିବ। ଏଥି ପାଇଁ ଅଯୋଧ୍ୟାରୁ ଆସିଥିବା ଅକ୍ଷତ ଚାଉଳ ଓ ନିମନ୍ତ୍ରଣ ପତ୍ରକୁ ବୁଗୁଡ଼ା ଅଞ୍ଚଳର ରାମଭକ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ବିଶ୍ୱ ହିନ୍ଦୁ ପରିଷଦ ସଦସ୍ୟଗଣ ଲାଗି ପଡ଼ିଛନ୍ତି। ଉକ୍ତ ମଙ୍ଗଳ ମୁହୂର୍ତ୍ତ ପାଳନ ପୂର୍ବକ ନିଜ ପରିବାର ଓ ସମାଜର କଲ୍ୟାଣ ଲାଗି ଦୀପଦାନ, ରାମଚରିତ ମାନସ ପାଠ ନିମନ୍ତ୍ରଣ ପତ୍ର ବଣ୍ଟନ କରିଛନ୍ତି।

### ରତ୍ନମୁଦ ଉତ୍ସବ ପାଇଁ ଶୁଭଖୁଣ୍ଟି ସ୍ଥାପନ

କ.ନୂଆଗାଁ, ୧୭।୧ (କାଳି ପ୍ରସାଦ ତ୍ରିପାଠୀ) କନ୍ଧମାଳ ଜିଲ୍ଲା କ.ନୂଆଗାଁରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ଓ ଗୁଣ୍ଡିଚା ମନ୍ଦିରର ରତ୍ନମୁଦ ଉତ୍ସବ ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏଥିରେ ରବୀନ୍ଦ୍ର ନାଥ ଶତପଥୀ ଓ ଶ୍ରୀଧର ତ୍ରିପାଠୀ ଯୋଗ ଦେଇ ପୂଜାକର୍ମ ସମ୍ପାଦନ କରିଥିଲେ। ପରିଚାଳନା କମିଟିର ସଭାପତି କୃଷ୍ଣ ମୋହନ ପାଣିଗ୍ରାହୀ, ସମ୍ପାଦକ ଧବଳେଶ୍ୱର ପାତ୍ର, ଉପସଭାପତି ପଣ୍ଡିତ କୁମାର ବିଶୀମାଝି, ପ୍ରଭାତ କୁମାର ପାଣିଗ୍ରାହୀ, ରଞ୍ଜିତ କୁମାର ପଣ୍ଡା, ହୃଷୀକେଶ ପାଢ଼ୀ, ରଞ୍ଜିତ କୁମାର ମାଝୀ, ବିଜୟ କୁମାର ସାହୁ ଯୋଗ ଦେଇଥିଲେ।

# ସପ୍ତାହେ ହେଲା ଜଳ ଯୋଗାଣ ବନ୍ଦ





- କିଆଝରବାସୀ ପାଣି ପାଇଁ ଡହଳବିକଳ
- ପାଇପ ଫାଟି ଜଳ ଯୋଗାଣ ବ୍ୟାହତ
- ୬ଇଞ୍ଚ୍ ପାଇପ ସଂଯୋଗ ପାଇଁ ଦାବି

ଖଣ୍ଡପଡ଼ା, ୧୭।୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କିଆଝର ପଞ୍ଚାୟତରେ ଏବେ ଠାରୁ ପାନୀୟ ଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି। ପାଇପ ଫାଟି ଜଳ ଅପଚୟ ହେବା ସହ କିଆଝର ପଞ୍ଚାୟତର ବିଭିନ୍ନ ସାହିବସ୍ତିରେ ଦୀର୍ଘ ୭ ଦିନ ହେବ ଜଳ ଯୋଗାଣ ବନ୍ଦ ଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ବାରମ୍ବାର ପାଇପ ଫାଟି ସମସ୍ୟା ଉପୁଜୁଥିବାରୁ ଏଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପଞ୍ଚାୟତ ଅଧୀନ ସାତଗୋଛିଆ ଗ୍ରାମରେ ଗତ ୬ମାସ ଧରି ପାନୀୟ ଜଳ ସମସ୍ୟା ଲାଗି ରହିଥିବା ବେଳେ ଗ୍ରାମ ଜଳ ଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ୫ କି.ମି. ଦୂର ଗିରିଡିପଲି ଠାରୁ କିଆଝର ପଞ୍ଚାୟତ ଅଞ୍ଚଳକୁ ପାନୀୟ ଜଳ ଯୋଗାଇବା ନିମନ୍ତେ ମାଟି ତଳେ ୪ କି.ମି.ପର୍ଯ୍ୟନ୍ତ ୬ଇଞ୍ଚ ଗୋଲେଇର ପିଭିସି ପାଇପ ବିଛାଯାଇଥିଲା। ଅବଶିଷ୍ଟ ଏକ କି.ମି. ପର୍ଯ୍ୟନ୍ତ ୪ ଇଞ୍ଚିଆ ପାଇପ ବିଛାଯାଇଛି। ୧୫ ଅଶ୍ୱଶକ୍ତି ସମ୍ପନ୍ନ ବିଦ୍ୟୁତ ଚାଳିତ ମୋଟର ପମ୍ପ ଦ୍ୱାରା ଜଳ ଯୋଗଇବାର ବ୍ୟବସ୍ଥା କରାଯାଇଥିବାରୁ ୪ଇଞ୍ଚିଆ ପାଇପ ଯୋଗୁ ତାହା ପ୍ରେସରରେ ଫାଟି ଯାଉଥିବା ସ୍ଥାନୀୟ ସରପଞ୍ଚ ଦୀପାଞ୍ଜଳୀ ମହାନ୍ତି ସୂଚନା ଦେଇଛନ୍ତି। ସେହି ପାଇପଟି ବାରମ୍ବାର ଫାଟି ସମସ୍ୟା ସୃଷ୍ଟି କରୁଥିବାରୁ ୪ଇଞ୍ଚ ବଦଳରେ ୬ଇଞ୍ଚର ପାଇପ ବିଛାଇବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଉଥିଲେ ହେଁ ଏଥିପ୍ରତି ସଂପୃକ୍ତ ଅଧିକାରୀ ଧ୍ୟାନ ଦେଉ ନ ଥିବା ସରପଞ୍ଚ ପ୍ରକାଶ କରିଛନ୍ତି। ଅପରପକ୍ଷରେ କିଆଝର ଗ୍ୟାରେଜ ଛକରୁ ଗ୍ରାମ ମଧ୍ୟକୁ ସଂଯୋଗ କରୁଥିବା ପାଣି ପାଇପର ଏକାଧିକ ସ୍ଥାନରେ ପାଇପ ଫାଟିବା ଯୋଗୁ ଜଳ ଅପଚୟ ହେବା ସହ ଅଂଚଳବାସୀ ପାନୀୟ ଜଳ ପାଇବାରେ ବାଧକ ସାଜିଛି। ଏ ସଂପର୍କରେ ସରପଂଚ ଶ୍ରୀମତୀ ମହାନ୍ତିଙ୍କ ସହ ଯୋଗାଯୋଗ କରିବାରେ ଖଳିସାହି- କୋସକା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଯାଇଥିବା ପାଇପ ଲାଇନରେ ପାଣି ଲିକ କରି ଜଳ ଅପଚୟ ହେଉଥିବା ସେ କହିଥିବା ବେଳେ ନିମ୍ନ ମାନର ପାଇପ ଯୋଗୁ ବାରମ୍ବାର ଏପରି ଘଟୁଛି ବୋଲି କହିଥିଲେ। ପ୍ରତିଦିନ ଏକାଧିକ ସ୍ଥାନରୁ ପାଇପ ଫାଟି ଜଳ ନଷ୍ଟ ହେଉଥିବା ବେଳେ ଆବଶ୍ୟକ ମରାମତି ପାଇଁ ପଞ୍ଚାୟତରେ ଅର୍ଥର ଅଭାବ ଯୋଗୁ ମରାମତି କରିବା ସମ୍ଭବ ହେଉ ନ ଥିବା ସେ କହିଛନ୍ତି। ବିଶେଷ କରି ୪ ଇଞ୍ଚିଆ ପରିବର୍ତ୍ତେ ୬ ଇଞ୍ଚିଆ ପିଭିସି କିମ୍ବା ଜିଆଇ ପାଇପ ବିଛାଗଲେ ସମସ୍ୟାର ସମାଧାନ ହୋଇ ପାରନ୍ତେ ବୋଲି ସରପଞ୍ଚ ପ୍ରକାଶ କହିଥିବା ବେଳେ ଏ ସମ୍ପର୍କରେ ପଞ୍ଚାୟତ ପକ୍ଷରୁ ଖଣ୍ଡପଡ଼ା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଠାରୁ ଆରମ୍ଭ କରି ନୟାଗଡ ଜିଲ୍ଲା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିବା ସରପଞ୍ଚ ସୂଚନା ଦେଇଥିଲେ। ତେବେ ବିଭାଗୀୟ ଅଧିକାରୀ କିଛି ଦିନ ପୂର୍ବେ ଘଟଣା ସ୍ଥଳକୁ ପରିଦର୍ଶନରେ ଆସି ସମସ୍ୟା ସମ୍ପର୍କରେ ଅବଗତ ହୋଇ ଫେରିଥିବା ବେଳେ ଏ ଦିଗରେ କୌଣସି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଜଣାପଡିଛି। ସମସ୍ୟାର ସମାଧାନ ହୋଇ ପାରୁ ନ ଥିବାରୁ ପଞ୍ଚାୟତ ଅଧୀନ ସାତଗୋଛିଆ, ଭୋଡଙ୍ଗପଲ୍ଲୀ, ଗୋଛାବାରୀ, କିଆଝର ପାଟଣା, ଜାକେଲାପଲ୍ଲୀ ଆଦି ଗ୍ରାମକୁ ଆଜକୁ ପ୍ରାୟ ୭ଟି ଦିନ ହେଲା ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ କରାଯିବାକୁ ଗ୍ରହଣ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ୧୭ ଏସ୍‌ଆଇ ଓ ଏଏସ୍‌ଆଇଙ୍କ ବଦଳି

ନୟାଗଡ଼, ୧୭।୧ (ଲୋକନାଥ ମିଶ୍ର)

ନୟାଗଡ ପୋଲିସ ଜିଲାରେ ୧୭ ଇନ୍ସପେକ୍ଟର(ଏସଆଇ) ଓ ସବ ଇନ୍ସପେକ୍ଟର(ଏସଆଇ)ଙ୍କର ବଦଳି ଆଦେଶନାମା ନୟାଗଡ଼ ଏସପି ରାହୁଲ ଜୈନଙ୍କ ସ୍ୱାକ୍ଷରରେ ବୁଧବାର ପ୍ରକାଶ ପାଇଛି। ବଦଳି ଆଦେଶନାମାରେ ଚାନ୍ଦପୁର ଥାନାର ଏସଆଇ ଅଞ୍ଜଳୀ ସା ଙ୍କର ଫତେଗଡ ଥାନାକୁ, ନୟାଗଡ ଟାଉନ ଥାନାର ଏସଆଇ ଧର୍ମେନ୍ଦ୍ର ସିଆଲଙ୍କର ଦର୍ପନାରାୟଣପୁର ଫାଣ୍ଡିକୁ ବଦଳି ହୋଇଛି। ସେହିପରି ଦର୍ପନାରାୟଣପୁର ଫାଣ୍ଡିର ଏସଆଇ ସଞ୍ଜୟ କୁମାର ପରିଡାଙ୍କୁ ନୟାଗଡ ଟାଉନ ଥାନା, ନୟାଗଡ ଟାଉନ ଥାନାର ଏସ୍‌ଆଇ ସନ୍ତୋଷ କୁମାର ଦାଶଙ୍କର ଶରଣକୁଳ ଥାନାକୁ, ଫତେଗଡ ଥାନାର ଏସ୍‌ଆଇ ଶ୍ରଦ୍ଧା ନାୟକଙ୍କୁ ଚାନ୍ଦପୁର ଥାନାକୁ, ଭାପୁର ବିଟ୍ ହାଉସର ଏସ୍‌ଆଇ ଏମ୍‌ଡି ଜାଫରୁଲାଙ୍କୁ ରାଜସୁନାଖଳା ଫାଣ୍ଡିକୁ ବଦଳି କରାଯାଇଛି। ଅନ୍ୟପକ୍ଷେ ରାଜସୁନାଖଳା ଫାଣ୍ଡିର ଏସ୍‌ଆଇ ପ୍ରତି ପ୍ରକାଶ ମହାନ୍ତିଙ୍କୁ ଭାପୁର ବିଟ୍ ହାଉସକୁ, ନୟାଗଡ଼ ସଦର ଥାନା ଏସ୍‌ଆଇ ରଇବାରି ତିରିଆଙ୍କୁ ନୟାଗଡ଼ ଟାଉନ ଥାନାକୁ, ନୟାଗଡ଼ ରିଜର୍ଭ ଅଫିସର ଏସ୍‌ଆଇ ହାସିନା ପ୍ରଧାନଙ୍କୁ ନୟାଗଡ଼ ସଦର ଥାନାକୁ ବଦଳି ହୋଇଛି। ସେହିଭଳି ନୟାଗଡ଼ ରିଜର୍ଭ ଅଫିସର ଏସ୍‌ଆଇ ସାଗରିକା ସାମଲଙ୍କୁ ଇଟାମାଟି ଥାନାକୁ, ଏସ୍‌ଆଇ ଡି ଅଙ୍କିତ ରାଓ ଦୋରାଙ୍କୁ ମହିପୁର ଫାଣ୍ଡି, ଏସ୍‌ଆଇ ସନ୍ତୋଷ କୁମାର ସ୍ୱାଇଁଙ୍କୁ ନୟାଗଡ଼ ସଦର ଥାନାକୁ, ଏସ୍‌ଆଇ ଅଶୋକ କୁମାର ଜେନାକୁ ଫତେଗଡ଼ ଥାନାକୁ ଓ ଏଏସ୍‌ଆଇ କୁଳମଣି ପ୍ରଧାନଙ୍କୁ ନୟାଗଡ଼ ଟାଉନ ଥାନାକୁ ବଦଳି କରାଯାଇଛି। ପୁଣି ଏସ୍‌ଆଇ ଗୋପବନ୍ଧୁ ମଲିକଙ୍କୁ ଇଟାମାଟି ଥାନାରେ ଆଟାଚ କରାଯାଇଥିବାବେଳେ ମହିପୁର ଫାଣ୍ଡିର ଏଏସ୍‌ଆଇ ସନ୍ତୋଷ କୁମାର ସୁବୁଦ୍ଧିଙ୍କୁ ନୂଆଗାଁ ଥାନାକୁ ଓ ନୟାଗଡ଼ ଟାଉନ ଥାନାର ଏଏସ୍‌ଆଇ ସୀମାଞ୍ଚଳ ସ୍ୱାଇଁଙ୍କୁ ଜିଲା ପୋଲିସ କାର୍ଯ୍ୟାଳୟର ଏସ୍‌ଆର ସେକ୍ସନକୁ ବଦଳି ହୋଇଛି।

## ରବୀନ୍ଦ୍ର କୁମାର ପ୍ରଧାନ ମେମୋରିଆଲ କ୍ରିକେଟ, ମର୍ଦ୍ଦରାଜପୁର ବିଜୟୀ

ଖଣ୍ଡପଡ଼ା, ୧୭।୧ (ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ୍ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳ ପଡିଆ ଠାରେ ରବିନ୍ଦ୍ର କୁମାର ପ୍ରଧାନ ୨ୟ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ସପ୍ତମ ଲିଗ ମ୍ୟାଚରେ ମର୍ଦ୍ଦରାଜପୁର କ୍ରିକେଟ ଟିମ୍ ୭ ରନରେ ବଡବାଣପୁର କ୍ରିକେଟ ଟିମ୍‌କୁ ହରାଇ ବିଜୟୀ ହୋଇଛନ୍ତି। ଟସ ଜିଣି ମର୍ଦ୍ଦରାଜପୁର ଟିମ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୩୮ ରନ ସଂଗ୍ରହ କରିଥିଲା। ଜବାବରେ ବଡବାଣପୁର ଟିମ ୯ ଉଇକେଟ ହରାଇ ୧୩୨ରନ ସଂଗ୍ରହ କରିଥିଲା। ବିଜୟୀ ଦଳର ରାକେଶ ମ୍ୟାନ ଅଫଦି ମ୍ୟାଚ ବିବେଚିତ ହୋଇଛନ୍ତି। ଆଜିର ମ୍ୟାଚରେ ଭାଜପା ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳୀ ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଚନ୍ଦନ କୁମାର ଦଳେଇ ଓ ସୁରେଶ ପ୍ରଧାନ ଖେଳକୁ ପରିଚାଳନା କରିଥିଲେ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ଶ୍ରଦ୍ଧାଳୁ



ଖଣ୍ଡପଡା, ୧୭।୧ (ଅଜୟ କୁମାର ମହାରଣା)

ପୁରୀ ଶ୍ରୀମନ୍ଦିର ପରିକ୍ରମା ମାର୍ଗର ଲୋକାର୍ପଣ ଅବସରରେ ପ୍ରଶାସନ ପକ୍ଷରୁ ଖଣ୍ଡପଡା ବ୍ଲକ ପରିସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଖଣ୍ଡପଡା ବିଡିଓ ଅଙ୍କୁର ଅଭିଳାଷଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଉପମା ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ବ୍ଲକ ପ୍ରଶାସନର ସମସ୍ତ ପଦାଧିକାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ସୁପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର କଣ୍ଠଶିଳ୍ପୀମାନଙ୍କ ପକ୍ଷରୁ ଭଜପ ଓ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ମଞ୍ଚରେ କୁନି କଳାକାର ଯାନ୍‌ଭି ଭାରତୀଙ୍କ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବର ସିଧାପ୍ରସାରଣ ଏଲଇଡି ସ୍କ୍ରିନ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ଜୟ ଜଗନ୍ନାଥ ଧ୍ୱନୀ ସାଙ୍ଗକୁ ହରିବୋଲ ହୁଳହୁଳି ଧ୍ୱନୀରେ ବ୍ଲକ ପରିସର ଉତ୍ସବ ମୁଖର ହୋଇ ଉଠିଥିଲା। ଖଣ୍ଡପଡା ବ୍ଲକ ଅଧିନ ବିଭିନ୍ନ ପଞ୍ଚାୟତର ଶତାଧିକ ମହିଳା ମଞ୍ଚ ନିକଟରେ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ସେହିପରି ଖଣ୍ଡପଡା ସହରର ସାମନ୍ତ ଛକରେ ଏନଏସି ପକ୍ଷରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଶୁଭାରମ୍ଭ ହେଲା ଭୋଟର ସଚେତନତା ରଥ

ଦିଗପହଣ୍ଡି, ୧୭।୧ (ଅଶେଷ ନାଥ ମିଶ୍ର)

୨୦୨୪ ନିର୍ବାଚନ ପାଇଁ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଭୋଟର ସଚେତନତା ରଥ। ବିଡିଓ ଚିତରଞ୍ଜନ ଦାସ ଏହି ରଥକୁ ଶୁଭାରମ୍ଭ କରିବା ପରେ ଦିଗପହଣ୍ଡି ଏନ୍‌ଏସି ପରିକ୍ରମା କରିଛି। ଭୋଟ ଦେବା ସମୟରେ ଇଭିଏମ୍ ଓ ଭିଭି ପାର୍ଟକୁ କିଭଳି ବ୍ୟବହାର କରିବେ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି। ଏହି ରଥ ବ୍ଲକ୍‌ର ୨୫ ପଞ୍ଚାୟତରେ ପରିକ୍ରମା କରିବ।

## ଆଞ୍ଚଳିକ ଖବରଦାତା ସଂଘର ବୈଠକ

ଶେରଗଡ, ୧୭।୧ (ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ବ୍ଲକ ଅନ୍ତର୍ଗତ ବରିକୋଟ ମା' ଠାକୁରାଣୀ ପୀଠରେ ଆଞ୍ଚଳିକ ଖବରଦାତା ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂଘର ସଭାପତି ସୂର୍ଯ୍ୟନାରାୟଣ ଦାଶ ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ଏକ ଗଣବେଶକୁ ଶୁଭାରମ୍ଭ ସହ ସମସ୍ତ ସଭ୍ୟ ଉକ୍ତ ଗଣବେଶ ପରିଧାନ କରିଥିଲେ। ସଂଘର ସଭ୍ୟମାନେ ଭାଇଚାରାରେ ରହିବା ସହ ସମସ୍ତଙ୍କ ପ୍ରତି ଉତ୍ତମ ଭାବ ପ୍ରଦର୍ଶନ କରିବାକୁ ଆଲୋଚନା ହୋଇଛି।

## ଦଶପଲ୍ଲା କପ୍ ଫୁଟବଲ
# କୋଲକାତା ଟିମ୍ ବିଜୟୀ



ଦଶପଲ୍ଲା, ୧୭।୧ (ପ୍ରକାଶ କୁମାର ପାଣି)

ସ୍ୱୋର୍ଟିଭ ସ୍ପୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ମୈଦାନରେ ସର୍ବଭାରତୀୟ ଦଶପଲ୍ଲା କପ୍ ଫୁଟବଲ ଟୁର୍ନାମେଣ୍ଟର ଅଷ୍ଟମ ଦିନରେ ଦ୍ୱିତୀୟ ଲିଗ ପ୍ରତିଯୋଗିତାରେ ଟ୍ରାଇବ୍ରେକରରେ ସୋଦପୁର କ୍ଲବ, କୋଲକାତା ବିଜୟୀ ହୋଇଛି। ଏହି ଟିମ୍ ପିୱାଇସି ଫୁଟବଲ୍ କ୍ଲବ୍ ସୁନାବେଡ଼ାକୁ ୬ ଗୋଲ ଦେଇଥିଲା। ହେଲେ ପିୱାଇସି ଟିମ୍ ୫ଟି ଗୋଲ ପରିଶୋଧ କରିବା ପରେ ବି କୋଲକତା ଟିମ୍ ୬-୫ ଗୋଲରେ ବିଜୟୀ ହୋଇଥିଲା। ଆଜିର ଖେଳ ପରିଚାଳନା କରୁଥିଲେ ରତ୍ନାକର ବାରିକ। ଲାଇନ୍ସରେ ପ୍ରସନ୍ନ କୁମାର ନାୟକ, ରବିନ୍ଦ୍ରନାଥ ନାୟକ ଓ ଫୋର୍ଥ ଅଫିସିଆଲ ରେଫେରୀ ଭାବେ ଅଶୋକ କୁମାର ପ୍ରଧାନ ସହଯୋଗ କରୁଥିଲେ। ଅତିଥି ଭାବେ ଦଶପଲ୍ଲାର ଆସିଷ୍ଟାଣ୍ଟ ଏକଜ୍ୟୁଟିଭ ଇଞ୍ଜିନିୟର ଏମ୍‌ଆଇ ଉପେନ୍ଦ୍ର ନାଥ ନାୟକ ଓ ନୂଆଁଗାର ଆର ଡ଼ି ଆସିଷ୍ଟାଣ୍ଟ ଏକଜ୍ୟୁଟିଭ ଇଞ୍ଜିନିୟର ବ୍ରଜ କିଶୋର ପଟ୍ଟନାୟକ ଉପସ୍ଥିତ ଥିଲେ। ଗୁରୁବାର ସ୍ୱୋଟିଭେ ସ୍ପୋର୍ଟ୍ସ ସୋସାଇଟି, ଦଶପଲ୍ଲା ସହିତ ଡିଏମ୍‌ଏସ୍‌ଏଫ୍ ଚକ୍ରଧରପୁର, ଝାଡ଼ଖଣ୍ଡର ମୁକାବିଲା ହେବ ବୋଲି ଅନୁଷ୍ଠାନ ତରଫରୁ ସୂଚନା ମିଳିଛି।

## ରାମ ଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ

ଖଣ୍ଡପଡ଼ା, ୧୭।୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ କିଆଜର ପଞ୍ଚାୟତ ଗୋଛାବାରୀ ରାମଦୟା ପରିଷଦ ଆନୁକୂଲ୍ୟରେ ଗତ ୭ ତାରିଖଠାରୁ ଆରମ୍ଭ ହୋଇଥିବା ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ମହାଯଜ୍ଞ ସ୍ଥାନୀୟ ସଙ୍କଟମୋଚନ ହନୁମାନ ପୀଠରେ ପାରମ୍ପରିକ ରୀତିରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା କାଳୀୟଦଳନ ନାଟକ ଓ ମକରସଂକ୍ରାନ୍ତୀ ଅବସରରେ ନୟାଗଡ଼ ଜିଲା ଲୁଣିସାହି ଅଞ୍ଚଳରେ ରାମ ନାଟକ ମଞ୍ଚସ୍ଥ ହୋଇଥିଲା। ଅପରାହ୍ନ ପ୍ରାୟ ସାଢେ ୫ଟାରେ ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ଆଧାତ୍ମିକ କାର୍ଯ୍ୟକ୍ରମ ଦର୍ଶନ ପାଇଁ ଗୋଛାବାରୀ ଗ୍ରାମ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନଙ୍କ ସମାଗମ ହୋଇଥିଲା।

## ଦୂତିପଡ଼ା ଜଗନ୍ନାଥ ମନ୍ଦିରରେ ଲୋକାର୍ପଣ କାର୍ଯ୍ୟକ୍ରମ



ଲୋକାର୍ପଣ କାର୍ଯ୍ୟକ୍ରମରେ ଭକ୍ତମାନେ ସଂକୀର୍ତ୍ତନ କରୁଛନ୍ତି।

ଖଜୁରୀପଡ଼ା, ୧୭।୧ (ବିଦୁର ବେହେରା): ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦୂତିପଡ଼ାଠାରେ ଥିବା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଲୋକାର୍ପଣ ହୋଇଛି। ରାଜ୍ୟ ସରକାର ଏହି ମନ୍ଦିରର ଉନ୍ନତିକରଣ ଏବଂ ନବୀକରଣ ପାଇଁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଗୋସେଇଁ ସୁବାସ ଚନ୍ଦ୍ର ଦାସଙ୍କ ଦାରା ସୂର୍ଯ୍ୟପୂଜା, ଧରିତ୍ରୀ ପୂଜା, ଗୋପୂଜା, ସଲାପ୍ରବେସ, ପଞ୍ଚକର୍ମ, ମଣ୍ଡଳ ପୂଜା ହବନ, ଆରତୀ, ପୁଷ୍ପାଞ୍ଜଳି, ପ୍ରଦକ୍ଷୀଣ ସହ ଦିନ ତମାମ ଜଗନ୍ନାଥଙ୍କ ମନ୍ଦିରରେ ଚାରିଦ୍ୱାରରେ ବେଦ ପାରାୟଣ ସହ ନାମ ସଂକୀର୍ତ୍ତନ କରାଯାଇଛି। କାର୍ଯ୍ୟକ୍ରମରେ ବିଡିଓ ଜର୍ଜ ଡୁଙ୍ଗୁଡୁଙ୍ଗ୍, ସହକାରୀ ଯନ୍ତ୍ରୀ ସୁଭସ୍ମିତା ନାଥ, ଯନ୍ତ୍ରୀ ରବିନାରାୟଣ ଲେଙ୍କା, ସନ୍ତୋଷୀ ସାହୁ, ଅଧକ୍ଷା ଅନୀମା କହଁର, ଉପାଧକ୍ଷ ଅମିତ କୁମାର୍ ଦିଗାଲଙ୍କ ସମେତ ସମସ୍ତ ସରପଞ୍ଚ ଉପସ୍ଥିତ ଥିଲେ।

# ଅବିଶ୍ୱାସ ଭାଙ୍ଗିଦେଲା ରାଜାରାଣୀଙ୍କ ସମ୍ପର୍କ

ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଶୁଭ ଉଦ୍‌ଘାଟନ ଅବସରରେ ମଞ୍ଚସ୍ଥ ନାଟକ



ନୟାଗଡ଼ ଅଫିସ, ୧୭।୧ (ଲୋକନାଥ ମିଶ୍ର)

ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଶୁଭ ଉଦଘାଟନ ଅବସରରେ ନୟାଗଡ଼ ବୋଇତ ବନ୍ଦାଣ ମଞ୍ଚରେ ଐତିହାସିକ ଓ ଶ୍ରୀଜଗନ୍ନାଥ ସଂସ୍କୃତି କୈନ୍ଦ୍ରିକ ନାଟକ 'ପତିତପାବନ ବାନା ଆଉ କେତେ ବେଳକୁ' ମଞ୍ଚସ୍ଥ ହୋଇଥିଲା। ନାଟକରେ ଅବିଶ୍ୱାସ ଭାଙ୍ଗି ଦେଇଛି ରାଜା ରାଣୀଙ୍କ ସମ୍ପର୍କ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ନୟାଗଡ଼ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ଦ୍ୱାରା ଆୟୋଜିତ ଏହି ନାଟକକୁ ପରିବେଷଣ କରିଥିଲେ ନୟାଗଡ଼ ଅଗ୍ରଣୀ ନାଟ୍ୟାନୁଷ୍ଠାନ 'ଚମତ୍କାର'ର କଳାକାର ମାନେ। ନାଟ୍ୟକାର ଗଦାଧର ନନ୍ଦଙ୍କ ରଚିତ ଏବଂ ନାଟ୍ୟଭୂଷଣ ବିଜୟ ଚୌଧୁରୀଙ୍କ ନିର୍ଦ୍ଦେଶିତ ଏହି ନାଟକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଯୋଗଦାନ କରିପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅନ୍ୟତମ ଅତିଥି ଭାବେ ଚମତ୍କାର ନାଟ୍ୟାନୁଷ୍ଠାନର ଉପଦେଷ୍ଟା ସମାଜସେବୀ ପ୍ରମୋଦ ପଟ୍ଟନାୟକ, ସଭାପତି ଲକ୍ଷ୍ମୀଧର ମହାପାତ୍ର, ନାଟ୍ୟକାର ଗଦାଧର ନନ୍ଦ, ନିର୍ଦ୍ଦେଶକ ବିଜୟ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

ନାଟକରେ ଗଜପତି ଦିବ୍ୟସିଂହ ଦେବ ନିଜ ସାନଭାଇ ଶଶାଙ୍କ ସହିତ ମହାରାଣୀଙ୍କ ପବିତ୍ର ସମ୍ପର୍କକୁ ସନ୍ଦେହ କରିଛନ୍ତି। ମା'ପୁଅର ସମ୍ପର୍କକୁ ବୁଝି ନ ପାରି ସାନ ଭାଇଙ୍କୁ ହତ୍ୟା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସାନ ଭାଇଙ୍କୁ ହତ୍ୟା ପାଇଁ ମନ୍ତ୍ରୀଙ୍କୁ ନିୟୋଜିତ କରିଛନ୍ତି ରାଜା। ରାଜାଙ୍କ ନିର୍ଦ୍ଦେଶକୁ ଭାଙ୍ଗି ନ ପାରି ମନ୍ତ୍ରୀ ଶଶାଙ୍କଙ୍କୁ ସାଥିରେ ନେଇ ନୟାଗଡ଼ ନିକଟସ୍ଥ ପଞ୍ଚକୁଟ ମୁଣ୍ଡିଆକୁ ଯାଇଛନ୍ତି। ସେଠାରେ ବାଙ୍କି, ରଣପୁର, ଦଶପଲା ରାଜାଙ୍କ ସହ ମନ୍ତ୍ରୀ ଆଲୋଚନା କରି ଶଶାଙ୍କଙ୍କୁ ଶବରପଲିର ରାଜା କରାଇଛନ୍ତି। ଶଶାଙ୍କ ସେଠାରେ ପୂର୍ବତନ ଶବର ରାଜାଙ୍କ ଝିଅକୁ ଭଲ ପାଇଁ ବସିଛନ୍ତି। ଏପଟେ ରାଣୀ ଦିଅର ଶଶାଙ୍କୁଙ୍କୁ ନ ଦେଖି ଅସୁସ୍ଥ ହୋଇ ପଡନ୍ତି। ରାଣୀଙ୍କ ଅବସ୍ଥା ଦେଖି ରାଜା ନିଜର ଆବିଶ୍ୱାସକୁ ଭୁଲି ସାନ ଭାଇର ବହୁ ମାସ ପରେ ପଚାରି ବୁଝନ୍ତି। ମନ୍ତ୍ରୀ ରାଜାଙ୍କୁ ସତ୍ୟ ଅବଗତ କରାଇ ଶଶାଙ୍କଙ୍କ ପାଖକୁ ନିଅନ୍ତି। ଶବର ରାଜାଙ୍କ ଝିଅ ସହ ବିବାହ କରନ୍ତି। ପରେ ରାଣୀ, ଭାଇ ଓ ଭାଇ ବୋହୂଙ୍କୁ ସାଥିରେ ନେଇ ପୁରୀ ଚାଲି ଯାଆନ୍ତି। ଆଧାତ୍ମିକ ଭାବମୟ ପରିବେଶର ନାଟକକୁ ଉପସ୍ଥିତ ଦର୍ଶକମାନେ ବେଶ ଉପଭୋଗ କରିଥିଲେ। ନାଟକରେ ବିଭିନ୍ନ ଚରିତ୍ରରେ ରିଙ୍କୁ, ବାପି, ବାପୁ, ନିଶିକାନ୍ତ, ପ୍ରଦୀପ, ଟୁନା, ସରୋଜ, ଲକି, ସିଂ ବାବୁ, ଦେବାଂଶୀ, ପ୍ଲାଜା, ସାଇ ଶ୍ରୀ, କଣ୍ଢେଇ, ସୋନାଲୀ ଏବଂ କ୍ରିଷ୍ଣା ପ୍ରମୁଖଙ୍କ ଅଭିନୟ ବେଶ ମନଛୁଆଁ ହୋଇଥିଲା।

# ୬ ପ୍ରଜାତିର ୬୦୯ ବିଦେଶୀ ପକ୍ଷୀ



ସାତକୋଶିଆରେ ଇଣ୍ଡିଆନ ସ୍କିମର ଓ ଅନ୍ୟାନ୍ୟ ପକ୍ଷୀ।

■ ସବୁଠାରୁ ଅଧିକ ଆସୁଛନ୍ତି ଇଣ୍ଡିଆନ ସ୍କିମର
■ ସବୁଠାରୁ କମ୍ ଦେଖାଯାଉଛନ୍ତି ଲାପିଙ୍ଗ ପକ୍ଷୀ
■ ପକ୍ଷୀଙ୍କ କଳରବରେ ମୁଖରିତ ସାତକୋଶିଆ ଗଣ୍ଡ

ନୟାଗଡ଼/ଗଣିଆ,୧୭।୧(ଲୋକନାଥ ମିଶ୍ର/ସନ୍ତୋଷ କୁମାର ପ୍ରଧାନ)

ପକ୍ଷୀଙ୍କ କଳରବରେ ମୁଖରିତ ହୋଇ ଉଠୁଛି ମହାନଦୀର ସାତକୋଶିଆ ଗଣ୍ଡ। ନୟାଗଡ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ସାତକୋଶିଆ ଗଣ୍ଡର ଛାମୁଣ୍ଡିଆ ବନାଞ୍ଚଳର ବଡମୂଳ, କୁସଙ୍ଗ ବନାଞ୍ଚଳର ସୁନାଖଣିଆ ଅଞ୍ଚଳ ସମେତ ପ୍ରାୟ ୨୦ ୟୁନିଟରେ ଥିବା ଜଳାଶ୍ରୟରେ ବିଦେଶୀ ପକ୍ଷୀଙ୍କ କଳରବ ଶୁଣିବାକୁ ମିଳୁଛି। ଚଳିତ ପକ୍ଷୀ ଗଣନାରେ ସାତକୋଶିଆ ଗଣ୍ଡକୁ ସବୁଠାରୁ ଅଧିକ ଇଣ୍ଡିଆନ ସ୍କିମର ଆସୁଥିବାବେଳେ ସବୁଠାରୁ କମ ସଂଖ୍ୟକ ବିଦେଶଗତ ପକ୍ଷୀ ଲାପିଙ୍ଗ ଆସିଛନ୍ତି। ପକ୍ଷୀ ଗଣନା ରିପୋର୍ଟ କହୁଛି, ମହାନଦୀ ଓ ଆଖପାଖ ଜଳାଶ୍ରୟରେ ୮୮ ପ୍ରଜାତିର ୪୯୧୬ ପକ୍ଷୀଙ୍କ ସମାଗମ ହୋଇଛି। ଏଥିରୁ ୬ ପ୍ରଜାତିର ୬୦୯ ବିଦେଶାଗତ ପକ୍ଷୀ ଅଛନ୍ତି। ବିଦେଶାଗତ ପକ୍ଷୀଙ୍କ ମଧ୍ୟରେ ଇଣ୍ଡିଆନ ସ୍କିମର ୧୬୦ ଆସିଛନ୍ତି। ଅନ୍ୟପକ୍ଷେ ବିଦେଶାଗତ ପକ୍ଷୀଙ୍କ ମଧ୍ୟରେ କମନ ସ୍ନାଇପ୍ ୧୭, ୱାକଟେଲ ୧୦୦, ଲାପିଙ୍ଗ ୧୦, ଗ୍ରୀନସାଣ୍ଡ ୬୦, ବ୍ରାହ୍ମଣୀସେଲ ୬୨ ଅଛନ୍ତି। ସେହିପରି ଚାତକ, ମାଛରଙ୍କା, ହଂସରାଳି, ଟେଂଟେଇ, ଭାଲିଆଖାଇ,ଚକୁଆଚକୋଇ ଓ ବ୍ରାହ୍ମଣୀଟକ ପରି ଆଞ୍ଚଳିକ ବା ଦେଶୀୟ ପକ୍ଷୀ ୮୨ ପ୍ରଜାତିର ୪୩୦୭ ଅଛନ୍ତି ବୋଲି ନୟାଗଡ ମହାନଦୀ ବନ୍ୟପ୍ରାଣୀ ଡିଏଫଓ ଫାଲଗୁନିସାରଥି ମଲ୍ଲିକ ସୂଚନା ଦେଇଛନ୍ତି।

**ସ୍ଥାନ ବଦଳାଉଛନ୍ତି ଇଣ୍ଡିଆନ ସ୍କିମର:** ଶୀତଋତୁ ଆସିଲେ ସାଇବେରିଆ, ହିମାଳୟ ଓ ଲଦାଖ ଅଞ୍ଚଳରୁ ବିଦେଶୀ ପକ୍ଷୀମାନେ ମହାନଦୀର ସାତକୋଶିଆ ଗଣ୍ଡ ଓ ଆଖପାଖ ଜଳାଶ୍ରୟରେ ଦେଖିବାକୁ ମିଳେ। ଏହି ପକ୍ଷୀ ସାତକୋଶିଆ ଗଣ୍ଡ ସମେତ ବିଭିନ୍ନ ଜଳାଶ୍ରୟରେ ନଭେମ୍ବର ମାସରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଦେଖାଯାଇଥାନ୍ତି। ଶୀତଋତୁ ପରେ ବିଦେଶାଗତ ପକ୍ଷୀ ନିଜ ଅଞ୍ଚଳକୁ ଫେରି ଯାନ୍ତି। ବିଦେଶାଗତ ଅତିଥି ପକ୍ଷୀମାନଙ୍କ ମଧ୍ୟରେ ସାଇବେରିଆ ଅଞ୍ଚଳରୁ ଆସୁଥିବା ଇଣ୍ଡିଆନ ସ୍କିମର ପକ୍ଷୀ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ସାତକୋଶିଆ ଗଣ୍ଡରେ ବୋଟିଂ କରୁଥିବା ବେଳେ ଦଳ ଦଳ ଇଣ୍ଡିଆନ ସ୍କିମର ପକ୍ଷୀମାନଙ୍କୁ ଦେଖି ପର୍ଯ୍ୟଟକ ଭରପୁର ମଜା ଉଠାଉଥିଲେ। ଗତ ୨ବର୍ଷ ଧରି ଇଣ୍ଡିଆନ ସ୍କିମର ବଡମୂଳ ଅଞ୍ଚଳରୁ ଆଗଭଳି ଆଉ ଦେଖିବାକୁ ମିଳୁ ନାହାନ୍ତି। ଗୋଟିଏ ସ୍ଥାନରେ ଇଣ୍ଡିଆନ ସ୍କିମର ପ୍ରତିବର୍ଷ ପ୍ରାୟ ଦେଖିବାକୁ ମିଳୁ ନାହାନ୍ତି। ଏହି ବିଦେଶାଗତ ପକ୍ଷୀ ଭିନ୍ନ ଭିନ୍ନ ସ୍ଥାନ ବଦଳାଉଥିବା ଦେଖିବାକୁମିଳିଛି। କେତେକ ଇଣ୍ଡିଆନ ସ୍କିମର ପକ୍ଷୀ କଟକ ଜିଲାର ମୁଣ୍ଡୁଳିଠାରେ ବର୍ଷସାରା ସହାବସ୍ଥାନ କରୁଥିବା ବନ୍ୟପ୍ରାଣୀ ବିଭାଗରୁ ସୂଚନା ମିଳିଛି। ଖାଦ୍ୟାଭାବ, ପ୍ରତିକୂଳ ପରିବେଶ ଓ ଲୋକଙ୍କ ଅବାଧ ପ୍ରବେଶ ଯୋଗୁ ପକ୍ଷୀମାନେ ବଡମୂଳ ଅଞ୍ଚଳକୁ ପ୍ରାୟ ୨ବର୍ଷ ଧରି ଆସୁ ନ ଥିବା ପରିବେଶବିତ୍ ସୂଚନା ଦେଇଛନ୍ତି। ଇଣ୍ଡିଆନ ସ୍କିମର ପକ୍ଷୀ ପ୍ରତିବର୍ଷ ସାତକୋଶିଆ ଗଣ୍ଡକୁ ଆସୁଛନ୍ତି କି ନାହିଁ ଜାଣିବା ପାଇଁ ଗତ ୨୦୧୬-୧୭ ମସିହାରେ ନୟାଗଡ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଓ ପକ୍ଷୀ ବିଶେଷଜ୍ଞଙ୍କ ଦ୍ୱାରା ବାର୍ଡ ରିଙ୍ଗିଙ୍ଗ୍ କରାଯାଇଥିଲା। ଇଣ୍ଡିଆନ ସ୍କିମର ପକ୍ଷୀମାନଙ୍କ ଗୋଡରେ ନମ୍ବର ଲେଖାଯାଇଥିବା ଟିପ୍‌ର ରିଙ୍ଗ୍ ଲଗାଯାଇଥିଲା। ଚିହ୍ନିତ ହୋଇଥିବା ଏହି ପକ୍ଷୀ ୨ବର୍ଷ ଧରି ଏଠାକୁ ପୁନର୍ବାର ଆସିଥିଲେ। ପରେ ଆଉ ଏଠାକୁ ନ ଆସି କଟକ ଜିଲାର ମୁଣ୍ଡୁଳି ଅଞ୍ଚଳରେ ରହୁଥିବା ପକ୍ଷୀଗଣନା ବେଳେ ଦେଖିବାକୁମିଳିଥିଲା।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଭୋଲା


@ ବିଜୟ


@ ଦେବାଶିଷ


@ ପ୍ରଦୀପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ଗାଁରେ କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ କଂଗ୍ରେସ ନେତା ଓ କର୍ମୀ।

ନୟାଗଡ଼/ଓଡ଼ଗାଁ,୧୭।୧(ଲୋକନାଥ ମିଶ୍ର/ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବ୍ଲକରେ କଂଗ୍ରେସ ଦଳର ସାଙ୍ଗଠନିକ ଶକ୍ତି ବୃଦ୍ଧି ପାଇଁ ଓଡ଼ଗାଁ ସିଭିଲ କୋର୍ଟ ନିକଟସ୍ଥ ମୁଖ୍ୟରାସ୍ତା ପାର୍ଶ୍ୱରେ ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ଉଦଘାଟିତ ହୋଇଛି। ଏ ଅବସରରେ ନୂଆ କଂଗ୍ରେସ କାର୍ଯ୍ୟାଳୟରେ ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଜିଲା ସାଙ୍ଗଠନିକ ପ୍ରଭାରୀ ତଥା ପିସିସି ଉପସଭାପତି ବିଭୂତି ମିଶ୍ର ଓ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ ପ୍ରମୁଖ ଯୋଗ ଦେଇ ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କ ଆହ୍ୱାନ କ୍ରମେ ବୁଥସ୍ତରରୁ ଦଳକୁ ମଜଭୁତ କରିବା ପାଇଁ ବୁଥ କମିଟି, ପଞ୍ଚାୟତ କମିଟି ଏବଂ ଜୋନ କମିଟି କରି ଲୋକଙ୍କ ସମସ୍ୟା ସହ ମିଶି କାମ କରିବା ପାଇଁ ଆହ୍ୱାନ ଦେଇଥିଲେ। ଓଡଗାଁ ବ୍ଲକ, ଏନଏସି, ତହସିଲ, ଏବଂ ବିଭିନ୍ନ ବିଭାଗରେ ଦୁର୍ନୀତୀ କାୟା ବିସ୍ତାର କରି ଚାଲିଥିବାରୁ କଂଗ୍ରେସ ଦଳ ତରଫରୁ ବିକ୍ଷୋଭ କରାଯିବ ବୋଲି ନିଷ୍ପତ୍ତି ହୋଇଛି। କର୍ମୀ ସମ୍ମିଳନୀରେ କଂଗ୍ରେସ ନେତା ମନୋଜ ସାହୁ, ବିଭୁ ପ୍ରସାଦ ମିଶ୍ର, ସତ୍ୟବ୍ରତ ନାୟକ,ଓଡ଼ଗାଁ ବ୍ଲକ ଛାତ୍ର କଂଗ୍ରେସ ସଭାପତି ଦିଲୀପ କୁମାର ବିଶୋଇ,ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସସ୍ମିତା ଦାଶ, ଓଡ଼ଗାଁ ନଗର କଂଗ୍ରେସ ସଭାପତି ଜଗନ୍ନାଥ ନାୟକ, ଗିରିଜା ଶଙ୍କର ମହାନ୍ତି, ବ୍ଲକ କଂଗ୍ରେସ ଉପସଭାପତି ବିଭୂତି ରାଉତ, ଯୁବ କଂଗ୍ରେସ ରାଜ୍ୟ ସଂପାଦକ ପ୍ରତୀକ ମହାପାତ୍ର ପ୍ରମୁଖ କଂଗ୍ରେସ ନେତା ଯୋଗଦେଇ ବିଜେଡି-ଭାଜପାର ଦୁର୍ନୀତୀ, ଭ୍ରଷ୍ଟାଚାର ବିରୋଧରେ ଗର୍ଜିବା ସହିତ ନିର୍ବାଚନ ପାଇଁ କଂଗ୍ରେସ ଦଳ ପ୍ରସ୍ତୁତି ଓ ସମସ୍ତେ ମିଶି ଲଢିବା ନେଇ ମତ ଦେଇଥିଲେ।

# ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ନିମନ୍ତ୍ରଣ ପତ୍ର ବାଣ୍ଟିଲେ କ୍ଲବ୍ ସଦସ୍ୟ

ଖଣ୍ଡପଡ଼ା,୧୬।୧
(ଅଜୟ କୁମାର ମହାରଣା)

ଆସନ୍ତା ୨୨ରେ ଅଯୋଧ୍ୟାରେ ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ ସହ ଉକ୍ତ ଦିନ ପ୍ରତ୍ୟେକ ଗୃହରେ ଓ ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରିବା ପାଇଁ ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତର କୃଷ୍ଣେଶ୍ୱରପାଟଣା ଗ୍ରାମରେ ଥିବା କୃଷ୍ଣେଶ୍ୱର ଯୁବ କ୍ଲବର ସଦସ୍ୟମାନେ ପ୍ରତି ଘରେ ପହଞ୍ଚି ନିମନ୍ତ୍ରଣ ପତ୍ର ବାଣ୍ଟୁଛନ୍ତି। କ୍ଲବର ସଭାପତି ପ୍ରକାଶ କୁମାର ନାୟକଙ୍କ ନେତୃତ୍ୱରେ କ୍ଲବର ସଦସ୍ୟ ମାନେ ଘର ଘର ବୁଲି ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ସମ୍ପର୍କରେ ଅବଗତ କରୁଥିବା ବେଳେ ଚାଉଳ ଓ ରାମଲାଲାଙ୍କ ଫଟୋ ପ୍ରଦାନ କରି ଉକ୍ତ ଦିନ ନିଜ ନିଜ ଦୁଆରରେ ଓ ମନ୍ଦିର ମାନଙ୍କରେ ପ୍ରଦୀପ ପ୍ରଜ୍ୱଳନ କରିବା ନିମନ୍ତେ ନିବେଦନ କରିଥିଲେ।


କ୍ଲବ୍‌ର ସଦସ୍ୟମାନେ ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ କରୁଛନ୍ତି।

# ୧୯୯୩ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁ ମିଳନ



ଖଣ୍ଡପଡା,୧୭।୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କୁମ୍ଭାରପଡା ଉଚ୍ଚ ବିଦ୍ୟାଳୟ ୧୯୯୩ ମାଟ୍ରିକ ବ୍ୟାଚ୍‌ର ଏକ ବନ୍ଧୁ ମିଳନ ସ୍ଥାନୀୟ ମା'ବସୁନ୍ଧରା ପୀଠ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ବିଜୟ କୁମାର ସେଠୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ୭୦ରୁ ଊର୍ଦ୍ଧ୍ୱ ସହପାଠୀ ପରିବାର ସହ ଏକାଠି ହୋଇଥିଲେ। ଦୀର୍ଘ ବର୍ଷ ପରେ ସମସ୍ତ ପୁରାତନ ସହପାଠୀ ସେମାନଙ୍କ ପରିବାର ସହ ଏକାଠି ହୋଇ ପରସ୍ପର ମଧ୍ୟରେ ବିଗତ ଦିନର ସ୍ମୃତିକୁ ରୋମନ୍ଥନ କରି ଭାବବିହ୍ୱଳ ହୋଇ ପଡିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦମୟନ୍ତୀ, ପୀତବାସ, ପ୍ରଭା, ଅନୀତା, ରଶ୍ମିତା, କବିତା, ରେଣୁ, ବାବୁ, ପପୁ, ମମତା, କିଶୋର, ଲିଙ୍ଗରାଜ, ମମି ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ବର୍ଷ ସମସ୍ତ ସହପାଠୀ ଦଶପଲ୍ଲା କୁଆଁରିଆ ଡ୍ୟାମଠାରେ ଏକାଠି ହେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ବିଦ୍ୟୁତ୍ ଫାଶ ପକାଇ ବାର୍‌ହା ଶିକାର ମହଙ୍ଗା ପଡ଼ିଲା

## ଶିକାରୀଙ୍କୁ ଜେଲ ପଠାଗଲା, ଫାଶ ଜବତ

ନୟାଗଡ଼/ଗଣିଆ,୧୭।୧(ଡିଏନଏ)

ଗଣିଆ ବ୍ଲକ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳର ବନ୍ୟପ୍ରାଣୀ ବିଭାଗ କର୍ମଚାରୀମାନେ ଦୁର୍ଯ୍ୟୋଧନ ମହାଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ଦଶପଲ୍ଲା ସବ୍‌ଜେଲକୁ ଯିବାକୁ ପଡିଛି। ସୁଚନା ଅନୁଯାୟୀ, ଗତ ମଙ୍ଗଳବାର ବିଳମ୍ବିତ ରାତ୍ରୀରେ ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ମୌସୁମୀ ବେହେରାଙ୍କ ନେତୃତ୍ୱରେ ବନକର୍ମଚାରୀମାନେ ବିଟ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ହଠାତ ବିଦ୍ୟୁତ କଟିଯିବା ନେଇ ସେମାନଙ୍କ ମନରେ ସନ୍ଦେହ ସୃଷ୍ଟି ହେବାରୁ ବେଠିଆସାହି ରାସ୍ତା ଉପରେ ତଦାରଖ କରୁଥିଲେ। ସେହି ସମୟରେ ରାସ୍ତାଠାରୁ ଅନତି ଦୁରରେ ବିଦ୍ୟୁତ୍ ତାର ସହିତ ଏକମୃତ ବାରହା ପଡ଼ିଥିବା ଦେଖିବାକୁ ପାଇଥିଲେ। ସେହି ସମୟରେ ଦୁର୍ଯ୍ୟୋଧନ ସେହି ରାସ୍ତା ଦେଇ ଯାଉଥିବାବେଳେ ସନ୍ଦେହରେ ତାକୁ ଅଟକ ରଖି ପଚରା ଉଚରା କରାଯାଇଥିଲା। ଘଟଣାସ୍ଥଳରୁ ବିଦ୍ୟୁତ୍ ତାର, ଜିଆଇ ତାର ଓ ମୃତ ବାରହାକୁ ଜବତ କରାଯାଇଥିଲା।।

ମୃତ ବାରହାର ଆନୁମାନିକ ବୟସ ୩ବର୍ଷ ଓ ଓଜନ ୭୦କେଜି ବୋଲି ବିଭାଗୀୟ କର୍ମଚାରୀମାନେ କହିଛନ୍ତି। ମୃତ ବାରହାକୁ ଗଣିଆ ପ୍ରାଣୀଧନ ଚିକିତ୍ସାଳୟକୁ ଆଣି ବ୍ୟବଚ୍ଛେଦ କରିବା ପରେ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଛି। ଉକ୍ତ ଘଟଣାରେ ଓଆର ୪/୨୪ ମାମଲା ରୁଜୁ ହୋଇଛି ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।


ଜବତ ମୃତ ବାର୍‌ହା ଓ ଗିରଫ ଶିକାରୀ।

# ଯୁବକମାନଙ୍କ ପାଖରେ ନାହିଁ ଖେଳ ସାମଗ୍ରୀ

## ଇଟା, କାଠିକୁ ଉଇକେଟ୍ କରି ଖେଳୁଛନ୍ତି କ୍ରିକେଟ୍

ନୂଆଗାଁ,୧୭।୧(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ଯୁବକମାନଙ୍କ ପାଖରେ ଖେଳିବା ପାଇଁ ଆବଶ୍ୟକ ସରଞ୍ଜାମ ନାହିଁ। ତେଣୁ ଯୁବକମାନେ କ୍ରିକେଟ ଖେଳିବା ସମୟରେ କିଛି ଇଟା ଓ କାଠିକୁ ଉଇକେଟ୍ ଭାବେ ବ୍ୟବହାର କରି ଖେଳୁଥିବା ଅଭିଯୋଗ ହେଉଛି।

କ୍ରୀଡା କ୍ଷେତ୍ରରେ ବିକାଶ ଆଣିବା ସହ ଯୁବତୀଯୁବକମାନଙ୍କ ଶାରିରୀକ ବିକାଶ ପାଇଁ ସରକାର କ୍ରୀଡ଼ା ପ୍ରତି ଗୁରୁତ୍ୱ ଦେଉଛନ୍ତି। ବିଭିନ୍ନ ଯୋଜନା ମାଧ୍ୟମରେ କ୍ରୀଡ଼ାର ବିକାଶ ପାଇଁ ଅନୁଦାନ ଦିଆଯାଉଛି। ସରକାର କ୍ରୀଡ଼ା ପାଇଁ ବହୁ ପରିମାଣର ଅର୍ଥ ବ୍ୟୟ କରୁଥିଲେ ମଧ୍ୟ ତାହା ଲୋକଙ୍କ ପାଖରେ ପହଞ୍ଚି ପାରୁ ନାହିଁ କିମ୍ବା ଯୁବତୀ ଯୁବକମାନେ ତାହାର ସୁଫଳ ପାଇ ପାରୁ ନ ଥିବା ଅଭିଯୋଗ ହେଉଛି। ନୂଆ -ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ କ୍ରୀଡା ନିମନ୍ତେ ପ୍ରତି କଲେଜକୁ ୩ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ସେହିପରି ବ୍ଲକସ୍ତରରେ କ୍ରୀଡ଼ା ପ୍ରତିଯୋଗିତା ନିମନ୍ତେ ପ୍ରତି ବ୍ଲକକୁ ୯ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ପଞ୍ଚାୟତସ୍ତରରେ କ୍ରୀଡା ସାମଗ୍ରୀ କିଣିବା ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପ୍ରତି ପଞ୍ଚାୟତକୁ ୨.୫୦ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ହେଲେ ଏତେ ସବୁ ଅନୁଦାନ ଦେଲା ପରେ ମଧ୍ୟ ନୁଆଗାଁ ଯୁବକମାନଙ୍କ ପାଖରେ ଖେଳ ସାମଗ୍ରୀର ଅଭାବ ଯୋଗୁ ସେମାନେ ଇଟା ଓ କାଠିକୁ ଉଇକେଟ୍ କରି କ୍ରିକେଟ ଖେଳୁଛନ୍ତି। ସେହିପରି ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଫୁଟବଲ ଖେଳ ଅଭ୍ୟାସ କରିବା ନିମନ୍ତେ ଆବଶ୍ୟକ ସରଞ୍ଜାମ ଜୋତା, ନେଟ, ବଲ୍ ଆଦି ନ ଥିବାରୁ ସେମାନେ ନିଜକୁ ପ୍ରସ୍ତୁତ କରି ପାରି ନ ଥିବା ଅଭିଯୋଗ କରିଛନ୍ତି। ଏପରିକି ଖେଳ ସାମଗ୍ରୀ ଅଭାବରୁ ନୂଆଗାଁ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ନିମନ୍ତେ ହକି, ମହିଳା ଖୋଖୋ ପାଇଁ ଟିମ୍ ହୋଇ ପାରି ନ ଥିଲା। ନୂଆଗାଁ ବ୍ଲକରେ ଅକ୍ଟୋବର ୧୩ରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରି ୧୧ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିଲେ। ସେଥିମଧ୍ୟରୁ ପ୍ରତି ପଞ୍ଚାୟତକୁ ୨.୫୦ ଲକ୍ଷ ଭାବେ ମୋଟ ୫୫ ଲକ୍ଷ ଟଙ୍କା ଅନୁଦାନ ଘୋଷଣା ହୋଇଥିଲେ ମଧ୍ୟ ଅଦ୍ୟାବଧି କ୍ରୀଡା ସାମଗ୍ରୀ କିଣା ଯାଇନାହିଁ। ଯାହାକୁ ନେଇ ଯୁବକମାନଙ୍କ ମନରେ ଅସନ୍ତୋଷ ଦେଖା ଦେଇଛି। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଯୋଗାଇ ଦେବାକୁ ଥିବା ଖେଳ ସାମଗ୍ରୀ ନ ଦେବା ବାବଦରେ ନୂଆଗାଁ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରେ ଯୁବକମାନଙ୍କ ପାଇଁ କ୍ରୀଡା ଓ କ୍ରୀଡା ସାମଗ୍ରୀ ଅତ୍ୟନ୍ତ ଜରୁରୀ। ତେଣୁ ଯଥାଶୀଘ୍ର ଖେଳ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ବିଡିଓ ନାୟକ କହିଛନ୍ତି।


ନୂଆଗାଁ ପଞ୍ଚାୟତରେ ଇଟା ଓ କାଠିକୁ ଉଇକେଟ୍ କରି ପିଲାମାନେ କ୍ରିକେଟ୍ ଖେଳୁଛନ୍ତି।

## ସଂକ୍ଷେପରେ

### ବିପୁଳ ଚୋରା ମଦ, କାର୍ ଜବତ

ଛତିଆ,୧୭।୧(ସୌମ୍ୟ ରଞ୍ଜନ ସାହୁ): ବୈରୀ ପୋଲିସ ମଙ୍ଗଳବାର ଭୋର ୪ଟା ସମୟରେ ୧୫୦୦ ଲିଟର ଚୋରା ଦେଶୀ ମଦ ସହିତ ଏକ କାର ଜବତ କରିଛି। ଆଠଗଡ଼ ଆଞ୍ଚଳରୁ ଏକ କାର ଯୋଗେ ଦେଶୀ ମଦ କେନ୍ଦ୍ରାପଡ଼ା ଆଡ଼କୁ ଯାଉଥିବା ଖବର ପାଇ ବୈରୀ ଥାନା ଅଧିକାରୀ ଶରତଚନ୍ଦ୍ର ନାୟକ, ଏସ୍ଆଇ ସୁରେନ୍ଦ୍ର ରାଉତ, କନଷ୍ଟେବଲ ଦିଲୀପ ନାୟକ ପ୍ରମୁଖ ଅମିୟଝରୀ ପାଖରେ ଜଗି ରହି କାରକୁ ଅଟକାଇବା ପାଇଁ ଚେଷ୍ଟା କରିଥିଲେ। ହେଲେ କାର ନ ଅଟକି ବୁଢ଼ାକେନ୍ଦୁଆ ଆଡ଼କୁ ପଳାଇ ଯାଇଥିଲା। ପୋଲିସ ପିଛା କରିବାରୁ ଚାଳକ କାରକୁ ନାଣ୍ଡୁଆ ପାଖରେ ଛାଡ଼ି ଫେରାର ହୋଇଯାଇଥିଲେ। ପରେ ପୋଲିସ କାରକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### ପୂର୍ବତନ କ୍ରିକେଟରଙ୍କ ଶ୍ରଦ୍ଧାଞ୍ଜଳି ସଭା

ରଗଡ଼ି,୧୭।୧(ଜତିଶ କୁମାର ମଲ୍ଲିକ): କୋରେଇ ବ୍ଲକ ଅନ୍ତର୍ଗତ ନୂଆଗଡ଼ ବାଇପାସ ନିକଟ ହୋଟେଲ ଆୟୁଷ ପରିସରରେ ଯାଜପୁର ରୋଡ୍ ବ୍ୟାସ ବାହିନୀ ଉଠ କ୍ଲବ ପକ୍ଷରୁ ଏହାର ବରିଷ୍ଠ ସଦସ୍ୟ ତଥା ପୂର୍ବତନ କ୍ରିକେଟର କାର୍ତ୍ତିକ ଦତ୍ତଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଅଶୋକ ମଲ୍ଲିକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଣ୍ଡାମାଳ (ବଙ୍ଗସଲିସାହି)ରେ ଜନ୍ମିତ ଦତ୍ତ ଜଣେ ଦକ୍ଷ କ୍ରିକେଟର ଭାବେ ପରିଚିତ ଥିଲେ। ୩ ଦିନ ତଳେ ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ସଭାପତି ପ୍ରିୟବ୍ରତ ମହାପାତ୍ର, ସମ୍ପାଦକ ସୁଦର୍ଶନ ସେଠୀ, କାର୍ଯ୍ୟକାରୀ ସମ୍ପାଦକ ଜୁଲୁକିଶୋର ପତି, କୋଷାଧ୍ୟକ୍ଷ ବାବୁଲି ମଲ୍ଲିକ, ଶାନ୍ତନୁ ରାଉତ, ଉପଦେଷ୍ଟା ସୁବାସ ପରିଡ଼ା, ହେମନ୍ତ ମଲ୍ଲିକ କୃଷ୍ଣଚନ୍ଦ୍ର ବଳ, ପ୍ରଦୀପ ରାଉତ, ସନ୍ତୋଷ କୁମାର ସାମଲ, ଅଶୋକ ରାଉତ, ପ୍ରଶାନ୍ତ ମହାରଣା, ଅମିତ ମହାଳିକ, ରୂପକ କର ଓ ରାଜେଶ ପଣ୍ଡାଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ତାଙ୍କ ସ୍ମୃତିଚାରଣ କରିଥିଲେ।

### ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଚଣ୍ଡିଖୋଲ,୧୭।୧(ପ୍ରଦୀପ୍ତ କୁମାର ପୃଷ୍ଟି): ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଖଡ଼ିଅଙ୍ଗ ଗ୍ରାମରେ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତଯୁବକ ହେଲେ ଖଡିଅଙ୍ଗ ଗ୍ରାମର ରବୀନ୍ଦ୍ର କୁମାର ପାତ୍ର(୩୬)। ମଙ୍ଗଳବାର ରାତିରେ ଘର ପଶି ପଙ୍ଖାରେ ସେ ରଶି ଲଗାଇ ଝୁଲି ପଡ଼ିଥିଲେ। ପରିବାର ଲୋକେ ରାତିରେ ଖାଇବାକୁ ଡାକିଲା ବେଳକୁ ଘରର କବାଟ ବନ୍ଦ ଥିଲା। କବାଟ ଭାଙ୍ଗି ଏହା ଦେଖିବା ପରେ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ରବୀନ୍ଦ୍ରଙ୍କ ବାପା ରମେଶ ଚନ୍ଦ୍ର ପାତ୍ର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

# ନାବାଳିକା ବଳାତ୍କାରୀଙ୍କୁ ଆଜୀବନ କାରାଦଣ୍ଡ

ଯାଜପୁର ଟାଉନ,୧୭।୧ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ନାବାଳିକାଙ୍କୁ ବଳାତ୍କାର ମାମଲାରେ ବୁଧବାର ଯାଜପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ବିଚାରପତି ଅଭିଜିତ ପଲାଇ ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୪ଲକ୍ଷ ଟଙ୍କା ଜରିମାନା କରି ଏକ ରାୟ ପ୍ରକାଶ କରିଛନ୍ତି। ଜରିମାନା ଅନାଦେୟରେ ଅଧିକ ୧୨ମାସ ଜେଲ ଦଣ୍ଡାଦେଶ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରାଯାଇଛି। ଏଥିସହ ପୀଡ଼ିତାଙ୍କୁ ୭ ଲକ୍ଷ ଓ ତାଙ୍କ ପୁତ୍ରକୁ ୨ଲକ୍ଷ ଟଙ୍କା ସହାୟତା ପ୍ରଦାନ ପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ଏପ୍ରିଲ ୧୨ରେ ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରି ଗ୍ରାମର ବୈକୁଣ୍ଠ ନାଥ ମଲ୍ଲିକ ଓରଫ ଦିପୁନା(୩୪) ଥାନା ଅଞ୍ଚଳର ଜଣେ ୧୭



କାରାଦଣ୍ଡରେ ଦଣ୍ଡିତ ହୋଇଥିବା ବୈକୁଣ୍ଠ ମଲ୍ଲିକ।

ବର୍ଷୀୟା ନାବାଳିକାଙ୍କ ଘରକୁ ମୋବାଇଲ୍ ଚାର୍ଜ ବସାଇବା ବାହାନାରେ ଯାଇଥିଲେ। ତାଙ୍କ ଘରେ କେହିନଥିବାର ସୁଯୋଗ ନେଇ ପୀଡ଼ିତାଙ୍କୁ ବଳାତ୍କାର କରିଥିଲେ। ଏଥିସହିତ ଘଟଣାକୁ କାହା ଆଗରେ ପ୍ରକାଶ ନ କରିବା ପାଇଁ ପୀଡ଼ିତାଙ୍କୁ ଧମକ ଦେଇଥିଲା। ପରେ ନିୟମିତ ବୈକୁଣ୍ଠ ପୀଡ଼ିତାଙ୍କୁ ବଳାତ୍କାର କରି ଆସୁଥିଲେ। ସମ୍ପୃକ୍ତ ନାବାଳିକା ଗର୍ଭବତୀ ହେବାପରେ ପରିବାର ଲୋକେ ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ପୀଡ଼ିତା ୭ ମାସର ଗର୍ଭବତୀ ରହିଥିବାବେଳେ ତାଙ୍କ ମା’ ଗାଁ ଭଦ୍ରଲୋକଙ୍କୁ ଡାକି ଏ ସମ୍ପର୍କରେ କହିବାରୁ ଭଦ୍ରଲୋକମାନେ ଥାନାରେ ଏତଲା ଦେବାପାଇଁ ପରାମର୍ଶ ଦେଇଥିଲେ। ଫଳରେ ପୀଡ଼ିତାଙ୍କ ମା’ ୨୦୨୧ ଡିସେମ୍ବର ୨୫ରେ ବିଞ୍ଝାରପୁର ଥାନାରେ ଲିଖିତ ଏତଲା ପ୍ରଦାନ କରିଥିଲେ। ପୋଲିସ ନଂ.୩୬୬/୨୧ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ନାବାଳିକା ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଡିଏନଏ ପରୀକ୍ଷା ପରେ ବୈକୁଣ୍ଠ ଜନ୍ମିତ ପୁତ୍ରସନ୍ତାନର ବାପା ବୋଲି ଜଣାପଡ଼ିଥିଲା। ମାମଲାର ଚୂଡ଼ାନ୍ତ ଶୁଣାଣି କରି ୧୮ ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସ୍କ୍ୟୁଟର ରାଜୀବ ମହାନ୍ତି ପରିଚାଳନା କରୁଥିଲେ। ବୈକୁଣ୍ଠ ବିବାହିତ ହୋଇଥିବା ବେଳେ ତାଙ୍କର ୨ ସନ୍ତାନ ଥିବା ଜଣାପଡ଼ିଛି।

## ଦଶରଥପୁରରେ ନାମ ସଂକୀର୍ତ୍ତନ, ମହୋତ୍ସବ


ଦଶରଥପୁରର ଶ୍ୟାମସୁନ୍ଦରଜୀଉ ମଠରେ ଯଜ୍ଞ ଅନୁଷ୍ଠିତ ହେଉଛି।

ଝୁମ୍ପୁରୀ,୧୭।୧(ସରୋଜ ନାୟକ): ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅବସରରେ ଦଶରଥପୁର ବ୍ଲକ୍ ପ୍ରଶାସନ ପକ୍ଷରୁ ଦଶରଥପୁରର ଶ୍ୟାମସୁନ୍ଦରଜୀଉ ମଠରେ ନାମ ସଂକୀର୍ତ୍ତନ ସହ ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି। ବିଡିଓ ଆକାଶ ପଟ୍ଟନାୟକ ଓ ସ୍ତ୍ରୀ ଅଙ୍କିତା ବାରିକ ଯୋଗଦେଇ ପ୍ରକଳ୍ପ ମହୋତ୍ସବର ସଂକଳ୍ପ କରିଥିଲେ। ବିଭିନ୍ନ କୀର୍ତ୍ତନମଣ୍ଡଳୀ ଦ୍ୱାରା ପ୍ରାତଃରୁ ସନ୍ଧ୍ୟା ପର୍ଯ୍ୟନ୍ତ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏଲଇଡି ମାଧ୍ୟମରେ ପୁରୀ ପ୍ରକଳ୍ପ ଲୋକାର୍ପଣ ଉତ୍ସବର ସିଧାପ୍ରସାରଣକୁ ଭକ୍ତ ଦେଖିବାର ସୁଯୋଗ ପାଇଥିଲେ। ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ, ବିଞ୍ଝାରପୁର ବିଧାୟିକାଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି, ଏବିଡିଓ ତ୍ରିଲୋଚନ ସେଠୀ, ବ୍ଲକ୍ ସହକାରୀ ଯନ୍ତ୍ରୀ ରାହାସ ବିହାରୀ ଜେନା, କନିଷ୍ଠ ଯନ୍ତ୍ରୀ ନିର୍ମଳ ଚନ୍ଦ୍ର କାଫ, ନୀରୋଦ ସେଠୀ, ଚିତ୍ତରଞ୍ଜନ ଶତପଥୀ, କରୁଣାସିନ୍ଧୁ ପରିଡ଼ା, ସୁବ୍ରତ ବେହେରା, ଫକୀର ମୋହନ ଦଳାଇ, ଅର୍ଦ୍ଧେନ୍ଦୁ ମଲ୍ଲିକ, ଏପିଓ ଭକ୍ତିଲତା ମହାରଣାଙ୍କ ସହ ବ୍ଲକ୍‌ର ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଦଶରଥପୁର ସରପଞ୍ଚଙ୍କ ପ୍ରତିନିଧି ଧର୍ମରାଜ ଧୀର, ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ, ଚମ୍ପେଇପାଳ ସମିତିସଭ୍ୟ ବିଜୟ ନାୟକ, ପୂର୍ବତନ ସମିତିସଭ୍ୟ ମହେଶ୍ୱର ସାହୁ, ଯୁବନେତା ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ୍: ଭଦ୍ରକ ଚାମ୍ପିୟନ


ଅତିଥିଙ୍କଠାରୁ ଚାମ୍ପିୟନ ଟିମ୍‌ର ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

ରସୁଲପୁର,୧୭।୧(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ହାଇସ୍କୁଲ ଖେଳ ପଡ଼ିଆରେ ୧୮ତମ ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। କ୍ରୀଡ଼ା ଶିକ୍ଷକ ଅମରେନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପ୍ରଗତି କ୍ଲବ ଏବଂ ଇଏସଇପିଏନ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟରେ ନେହେରୁ ଷ୍ଟାଡିୟମ-ଭଦ୍ରକ ପ୍ରତିପକ୍ଷ ପୁରୀକୁ ହରାଇ ଚାମ୍ପିୟନ ହୋଇଛି।

ସେମିଫାଇନାଲ ମ୍ୟାଚ୍‌ରେ ଭଦ୍ରକ ଦଳ ଘରୋଇ ପ୍ରଗତି କ୍ଲବ ମୁଗୁପାଳକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ପୁରୀ ଦଳ ପ୍ରତିପକ୍ଷ ଜଗତ୍‌ସିଂହପୁରକୁ ହରାଇ ଭଦ୍ରକକୁ ଫାଇନାଲରେ ସମ୍ମୁଖୀନ ହୋଇଥିଲା। ମ୍ୟାଚ୍‌ର ଶେଷ ସୁଧା ଭଦ୍ରକ ପୁରୀକୁ ୩–୦ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଥିଲା।

ଆୟୋଜିତ ଟ୍ରଫି ପ୍ରଦାନ ଉତ୍ସବ ଅଧ୍ୟାପକ ଶିର୍ଦ୍ଧାର୍ଥ ଶଙ୍କର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ସାମାଜିକକର୍ମୀ ବିକାଶ ଦାଶ, ସମ୍ମାନିତ ଅତିଥି ଭରତ ନାୟକ, ନାରାୟଣ ମହାପାତ୍ର, ପ୍ରସନ୍ନ ରଥ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ମ୍ୟାଚ୍‌ଗୁଡ଼ିକୁ ରେଫରି ଜିତେନ୍ଦ୍ର ମହାନ୍ତି, ମନୋରଞ୍ଜନ ପଣ୍ଡା, ଅଭ୍ରାଂଶୁ ମହାନ୍ତି, ଅମରେନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ସମୀର ସ୍ୱାଇଁ, ସରୋଜ ପଟ୍ଟନାୟକ, ଆଶୀର୍ବାଦ ସାହାଣୀ, ସୌମ୍ୟରଞ୍ଜନ ନାୟକ ଓ ସୌମ୍ୟରଞ୍ଜନ ଖୁଣ୍ଟିଆ ପ୍ରମୁଖ ଅଫିସିଆଲ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

## ପୁଅ ଆତ୍ମହତ୍ୟା ପରେ ମା’ଙ୍କ ହୃଦ୍‌ଘାତରେ ମୃତ୍ୟୁ

ବିଞ୍ଝାରପୁର,୧୭।୧(ରାମକୃଷ୍ଣ ଦାସ): ପୁଅ ଆତ୍ମହତ୍ୟାର ଦିନକ ପରେ ମା’ଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅଳକୁଣ୍ଡ ଥାନା ଅନ୍ତର୍ଗତ କାଞ୍ଚିଆପାଟଣା ଗ୍ରାମରେ ଏହି ଘଟଣା ଘଟିଛି। ଗ୍ରାମର ରବି ମଲ୍ଲିକଙ୍କ ପୁଅ ପିଣ୍ଟୁ ମଲ୍ଲିକ(୩୨) ରଶି ଲଗାଇ ମଙ୍ଗଳବାର ଆତ୍ମହତ୍ୟା କରିଥିଲେ। ଏହାପରେ ଚିନ୍ତାରେ ପିଣ୍ଟୁଙ୍କ ମା’ ଡଲି ମଲ୍ଲିକ(୬୦)ଙ୍କ ବୁଧବାର ସକାଳେ ହୃଦଘାତରେ ମୃତ୍ୟୁ ହୋଇଛି। ଅଳକୁଣ୍ଡ ଗ୍ରାମର ବିଲ ମଝିରେ ଥିବା ନିମ୍ବ ଗଛରେ ପିଣ୍ଟୁ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣା ସମଗ୍ର ଅଳକୁଣ୍ଡ ଅଞ୍ଚଳରେ ଶୋକରଛାୟା ଖେଳାଇ ଦେଇଛି।

## ଜଗନ୍ନାଥ ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଯାଜପୁରଟାଉନ,୧୭।୧(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଯାଜପୁର ସହରର ଜଗନ୍ନାଥ ମନ୍ଦିର ପରିସରରେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଆଭାସୀ ମାଧ୍ୟମରେ ଲୋକାର୍ପଣ ଉତ୍ସବକୁ ଦେଖିଥିଲେ। ମୁଖ୍ୟଅତିଥି ଭାବେ ଯାଜପୁର ପୌରପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା, ସମ୍ମାନିତ ଅତିଥି ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ ଯୋଗଦେଇ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମନ୍ଦିର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ସାମଗ୍ରୀ ଫେରି ପାଇଲେ ବ୍ୟବସାୟୀ

ପାଣିକୋଇଲି,୧୭।୧(ବିକାଶ ମଲ୍ଲିକ): ପୋଲିସ ସହାୟତାରେ ହଜାଇଥିବା ସାମଗ୍ରୀ ଫେରିପାଇଛନ୍ତି କୁଆଖିଆ ଥାନା ଭୋଟକା ଗ୍ରାମର ବ୍ୟବସାୟୀ କୃପାସିନ୍ଧୁ ବେହେରା। ସେ ଗାଁରେ ବୁଲି ଲୁନା ଯୋଗେ ଲୁଗା ବ୍ୟବସାୟ କରନ୍ତି। ପାଣିକୋଇଲି ଅଞ୍ଚଳରୁ ଫେରୁଥିବା ବେଳେ ହଠାତ ପଡି ଆହତ ହୋଇଥିଲେ। ତାଙ୍କ ସାମଗ୍ରୀ କେଉଁଠି ଅଛି କହିପାରି ନ ଥିଲେ। ରାଜପଥ ପେଟ୍ରୋଲିଂ ଅଧିକାରୀ ଅଶୋକ ବଳ ଲୁନା ଓ ସାମଗ୍ରୀ ଠାବ କରି କୃପାସିନ୍ଧୁଙ୍କୁ ହସ୍ତାନ୍ତର କରିଛନ୍ତି।

## ନାମଯଜ୍ଞ, ବେଦମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ସଦର ଅଞ୍ଚଳ

ଯାଜପୁର ସଦର,୧୭।୧(ସମର ବିଜୟ ଶରଣ): ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁରର ମା’ବାସୁଳେଇ, ବରୁଆଁର ମା’ ମଙ୍ଗଳା, କୁସୁନପୁରର ମା’ ତାରାଦେବୀ, କଚେରିଗାଁର ମଙ୍ଗଳା ଆଦି ଦେବୀପୀଠରେ ମକର ସଂକ୍ରାନ୍ତିଠାରୁ ୩ ଦିନ ବ୍ୟାପୀ ନାମଯଜ୍ଞ, ଦେବୀଙ୍କ ବିଭିନ୍ନ ବେଶ, ତାରାଦେବୀ ପୀଠରେ ଭଉଣୀ ମିଳନ, କୀର୍ତ୍ତନ ଓ ଭଜନ ସାଙ୍ଗକୁ ପ୍ରତ୍ୟେକ ଦେବୀ ପୀଠରେ ବ୍ରାହ୍ମଣଙ୍କ ବେଦ ମନ୍ତ୍ରଧ୍ୱନିରେ ସମଗ୍ର ଅଞ୍ଚଳ ଉତ୍ସବ ମୁଖରିତ ହେଉଥିବା ଦେଖିବାକୁ ମିଳିଛି। ପ୍ରତ୍ୟେକ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି। ତାରାଦେବୀ ପୀଠରେ ଯାତ୍ରା ପରିବେଷଣ କରାଯାଇଛି। ବରୁଆଁରେ ସର୍ବମଙ୍ଗଳା ଯୁବ ନାଟ୍ୟ ସଂସଦ ଦ୍ୱାରା ନାଟକ ପରିବେଷଣ କରାଯାଇଛି। ସେହିପରି ମହେଶ୍ୱରପୁର ମା’ ବାସୁଳେଇ ପୀଠରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।


ମା’ ତାରା ଦେବୀ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ସିଧା ପ୍ରସାରଣ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଯାଜପୁରରୋଡ୍,୧୭।୧(ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ପୌର ପରିଷଦ ପକ୍ଷରୁ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କାର୍ଯ୍ୟକ୍ରମକୁ ସିଧାପ୍ରସାରଣ କରାଯାଇଛି। ସହରବାସୀଙ୍କ ଉଦ୍ଦେଶ୍ୟରେ ବୁଧବାର ପୂର୍ବାହ୍ନ ୧୦ଟାରେ ବ୍ୟାସ ସରୋବରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଲୋକାର୍ପଣ କାର୍ଯ୍ୟକ୍ରମକୁ ଏଲଇଡି ସ୍କ୍ରିନ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ଉତ୍ସବରେ କଣ୍ଠଶିଳ୍ପୀ ଶରତ ନାୟକ ଓ ରବୀନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ୟାସନଗର ପୌର ପରିଷଦ ଅଧ୍ୟକ୍ଷା ସଂଗୀତା ପିଙ୍ଗୁଆ, ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର, ସମସ୍ତ କାଉନସିଲର, ପୌର କର୍ମଚାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସମେତ ବହୁ ଜନ ସାଧାରଣ ଯୋଗ ଦେଇଥିଲେ।

## ଚାଲାଣ ବେଳେ ଶତାଧିକ ଷଣ୍ଢ ଉଦ୍ଧାର

ପାଣିକୋଇଲି,୧୭।୧(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଗୋଲେଇପୁର ପଞ୍ଚାୟତ ଅନ୍ତର୍ଗତ ରାମପୁର ଶଗଡ଼ି ଗ୍ରାମରେ ସ୍ଥାନୀୟ କେତେଜଣ ଗୋମାଫିଆଙ୍କ ସହାୟତାରେ ଷଣ୍ଢ ଚାଲାଣ ଚାଲୁଥିବା ବେଳେ ପୋଲିସ ଚଢ଼ାଉ କରି ଶତାଧିକ ଷଣ୍ଢଙ୍କୁ ଉଦ୍ଧାର କରିଛି। ମଙ୍ଗଳବାର ରାତିରେ ଉକ୍ତ ସ୍ଥାନରେ ଏକ ଟ୍ରକ୍‌ରେ ବାହାର ରାଜ୍ୟକୁ ଚାଲାଣ ହେବା ଲାଗି ଷଣ୍ଢ ଟ୍ରକରେ ଲୋଡ୍ ହେଉଥିବା ଖବର ପାଇବା ପରେ ଯାଜପୁର ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ ତୁରନ୍ତ ଚଢ଼ାଉ ଲାଗି ଯାଜପୁର ରୋଡ୍ ଏସ୍‌ଡିପିଓ ଓ ପାଣିକୋଇଲି



ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଏସଡିପିଓ ସଂଜୟ କୁମାର ପଟ୍ଟନାୟକ ଓ ଥାନାଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ନେତୃତ୍ୱରେ ପୋଲିସ ଟିମ ଶଗଡ଼ି ଗ୍ରାମରେ ଚଢାଉ କରିଥିଲା। ଏହି ସମୟରେ ଏକ ଟ୍ରକ(ଓଡି–୦୫–ବିଏ–୩୫୬୫)ରେ ୨୦ରୁ ଊର୍ଦ୍ଧ୍ୱ ଷଣ୍ଢ ଦୟନୀୟ ଅବସ୍ଥାରେ ବନ୍ଧା ହୋଇଥିବା ବେଳେ ୮୦ରୁ ଊର୍ଦ୍ଧ୍ୱ ଷଣ୍ଢ ଚାଲାଣ ଅପେକ୍ଷାରେ ଥିବା ଦେଖି ଉଭୟ ପୋଲିସ ଅଧିକାରୀ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ପରେ ଏସ୍‌ଡିପିଓଙ୍କ ନିର୍ଦ୍ଦେଶରେ ସମସ୍ତ ଷଣ୍ଢକୁ ମୁକ୍ତ କରାଯିବା ସହିତ ଟ୍ରକ୍‌କୁ ଜବତ କରି ଥାନାକୁ ଅଣାଯାଇଥିଲା। ଚାଲାଣକାରୀଙ୍କ ସମେତ ଟ୍ରକ ଚାଳକ ଓ ଗୋ–ମାଫିଆ ଫେରାର ହୋଇଯାଇଥିଲେ। ଏଭଳି ଅମାନବୀୟ କାର୍ଯ୍ୟରେ ସଂଶ୍ଳିଷ୍ଟ ଥିବା କାହାରିକୁ ଛଡ଼ାଯିବ ନାହିଁ ବୋଲି ଥାନାଧିକାରୀ କହିଛନ୍ତି।

## ବାଜିରେ ଚାଲିଛି ଗଞ୍ଜା ଲଢ଼େଇ

- ଅକାଳରେ ମରୁଛନ୍ତି ନିରୀହ ପକ୍ଷୀ
- ଏହି ପରମ୍ପରା ବନ୍ଦ ପାଇଁ ମାନବାଧିକାର କର୍ମୀଙ୍କ ଦାବି

ପାଣିକୋଇଲି,୧୭।୧(ବିକାଶ କୁମାର ମଲିକ): ସବୁ ଆଇନ କାନୁନକୁ ଫୁ କରି ସ୍ପଷ୍ଟ ଦିବାଲୋକରେ ବାଜି ଲାଗୁଛି ନୀରିହ ପକ୍ଷୀଙ୍କ ଜୀବନ। ନିଜର ସଉକ ଓ ମଜା ପାଇଁ ନିରୀହ ପକ୍ଷୀମାନଙ୍କ ଗୋଡ଼ରେ କାତି ବାନ୍ଧି ଲଢେଇ କରାଯାଉଛି। ଏହି ଘଟଣାକୁ ବନ୍ଦ କରିବା ପାଇଁ ଘଟଣାରେ ଯାଜପୁର ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିବା ସହ ପୋଲିସ ମହାନିର୍ଦ୍ଦେଶକ ଓ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି ସିଭିଲ ସୋସାଇଟ ଫୋରମ ଯାଜପୁରର ସମ୍ପାଦକ ତଥା ମାନବଧିକାର କର୍ମୀ ବିଶ୍ୱନାଥ ପାତ୍ର।

ସୂଚନା ଅନୁଯାୟୀ, ଯାଜପୁର ଜିଲା ସୁକିନ୍ଦା ବ୍ଲକ କାଳିଆପାଣି ଥାନା ଅଧୀନ କଂସ ପଞ୍ଚାୟତର କୁଳିପୋଷି (ମକର ପଡିଆ ଠାରେ) ଶନିବାରଠାରୁ ଗଞ୍ଜା ଲଢେଇ(ଗଞ୍ଜାପେଡା) ଆରମ୍ଭ କରାଯାଇଛି। ସ୍ଥାନୀୟ ଅଞ୍ଚଳଠାରୁ ଆରମ୍ଭ କରି ଜିଲା ବାହାରୁ ଶତାଧିକ ବ୍ୟକ୍ତି କୁକୁଡ଼ା ଗଞ୍ଜାଙ୍କ ଗୋଡ଼ରେ ଲୁହାର ଧାରୁଆ ଅସ୍ତ୍ର (ଗଞ୍ଜା କାତି) ବାନ୍ଧି ଲଢେଇ କରୁଛନ୍ତି। ଫଳରେ ଏହି ଲଢେଇରେ ଅନେକ ଗଞ୍ଜା ଗଭୀର ଭାବେ ଆଘାତର ଶିକାର ହେଉଛନ୍ତି। ଅଧିକାଂଶ ଗଞ୍ଜା ରକ୍ତ ଜୁଡୁବୁଡୁ ହୋଇ ମରୁଛନ୍ତି। ଏପରି ଲଢେଇକରି ଜୁଆଡିମାନେ ପ୍ରତିଦିନ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ପ୍ରତିଦିନ ବାଜି ଲଗାଇ ରୋଜଗାର କରୁଛନ୍ତି। ହେଲେ କାଳିଆପାଣି ପୋଲିସ ଏ ସଂକ୍ରାନ୍ତରେ ଅବଗତ ଥିଲେ ମଧ୍ୟ ନୀରବ ଦ୍ରଷ୍ଟା ସାଜିଛି। ଆନିମଲ ପ୍ରେଟେକ୍‌ଶନ ଆକ୍ଟ ୧୯୧୨ ଓ ଆନିମଲ କ୍ରୁଏଲିଟ ଆକ୍ଟ ୨୦୨୩ରେ ପକ୍ଷୀମାନଙ୍କ ସୁରକ୍ଷା ପାଇଁ ଆଇନ ରହିଥିବା ବେଳେ କାଳିଆପାଣି ଥାନା ନିକଟରେ ଉକ୍ତ ଆଇନକୁ ଉଲ୍ଲଂଘନ କରାଯାଉଛି। ଏ ସଂକ୍ରାନ୍ତରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପାତ୍ର ଯାଜପୁର ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିବା ସହ ପୋଲିସ ମହାନିର୍ଦ୍ଦେଶକ ଓ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି।


ଗଞ୍ଜା ଲଢ଼େଇ ଚାଲିଛି।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଘାଟିତ

### ଯୁବପିଢ଼ିଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଅନୁଗାମୀ କରିବାକୁ ପ୍ରୟାସ

ରସୁଲପୁର,୧୭।୧(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁପୁର କଲେଜ-କଲଣସ୍ଥିତ ଡିଗ୍ରୀ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ନୂଆ-ଓ କାର୍ଯ୍ୟକ୍ରମ ଜରିଆରେ କଲେଜସ୍ତରରେ ଓଡ଼ିଆ ଭାଷା ସାହିତ୍ୟକୁ ପ୍ରତିଷ୍ଠିତ କରିବା ସହ ଯୁବପିଢ଼ିଙ୍କ ମଧ୍ୟରେ ଏଥିପ୍ରତି ପ୍ରତିବଦ୍ଧତା ଆଣିବାରେ ପ୍ରୋତ୍ସାହିତ କରିବାକୁ ପ୍ରୟାସ କରାଯାଉଛି। ଓଡିଆ ଜାତିକୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ କରିବାକୁ ହେଲେ ବିଦ୍ୟାର୍ଥୀ ଭାଷା ସାହିତ୍ୟ ଅନୁଗାମୀ ହେବାକୁ ପଡ଼ିବ ବୋଲି ଉଦ୍‌ଘାଟନୀ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। କଲେଜର ଅଧ୍ୟକ୍ଷ ତୁହିନାଂଶୁ ରଥଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ନାୟକ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପିକା ଡ. ପ୍ରଭାସିନୀ ମଲ୍ଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ପ୍ରାଧ୍ୟାପକ ପ୍ରଦୀପ ଦାସ, ଅଧ୍ୟାପକ ସୁବାସ ଦାସ, ଗୋକର୍ଣ୍ଣେଶ୍ୱର ଦାସ, ଜିତେନ୍ଦ୍ର ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ମତବ୍ୟକ୍ତ କରିବା ସହ ବିଦ୍ୟାର୍ଥୀଙ୍କ ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମର ଉପାଦେୟତା ଓ ବିଦ୍ୟାର୍ଥୀମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଓଡ଼ିଆ କବିତା ଲିଖନ ଓ ପଠନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ମନୋଜ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

### ସାମାଜିକ କାର୍ଯ୍ୟ ପାଇଁ ଏକାଠି ହେଲା ମହିଳା ସଂଘ

**ଏରସମା,(ଦୀପ୍ତିରଞ୍ଜନ ଖଣ୍ଡୁଆଳ) :** ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଯାବେତୁଆ ଗ୍ରାମର ଭୁଆସୁଣୀ ମନ୍ଦିର ପରିସରରେ ବୁଧବାର ବାବା ଯୋଗେଶ୍ୱର ମହିଳା ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ସଚି ରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ନିତ୍ୟାନନ୍ଦ ମଲ୍ଲିକ ସଭାପତିତ୍ୱ କରି ମହିଳା ସଂଘ ସାମାଜିକ କାର୍ଯ୍ୟ କରିବ ବୋଲି କହିଥିଲେ। ଏଥିରେ ସଭାନେତ୍ରୀ ସବିତା ମଲ୍ଲିକ, ସସ୍ମିତା ମଲ୍ଲିକ, ସାବିତ୍ରୀ ମଲ୍ଲିକ, ଅନୁ ମଲ୍ଲିକ, ସ୍ୱର୍ଣ୍ଣଲତା ମଲ୍ଲିକ, ବନଜା ମଲ୍ଲିକ ପ୍ରମୁଖ ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସମ୍ପାଦିକା ପୂର୍ଣ୍ଣିମା ସେଠୀ ଧନ୍ୟବାଦ ଦେଇଥିଲେ।

## ସେମିରେ ମା' ମଙ୍ଗଳା କଟକ

### ସମୀର, ସୁଶୀଲ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ

**କୁଜଙ୍ଗ, ୧୭।୧(ମନୋଜ ପ୍ରଧାନ)**

ବୁଢ଼ୀ ଜାଡୁଆଣୀ ଯୁବକ ସଂଘ ଜଗତି ଆନୁକୂଲ୍ୟରେ ଚାଲିଥିବା ସମୀର ଓ ସୁଶୀଲ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ମା' ମଙ୍ଗଳା କଟକ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ମା' ମଙ୍ଗଳା ୧୨.୧ ଓଭରରେ ୩ ଉଇକେଟ୍ ହରାଇ ୧୩୦ ରନ୍ ସଂଗ୍ରହ କରିଥିବା ସମୟରେ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହୋଇଥିଲା। ପାଗ ଅନୁକୂଳ ହେବାପରେ ମ୍ୟାଚ୍‌କୁ ୫ ଓଭରରେ ସୀମିତ କରାଯାଇଥିଲା। ଉକ୍ତ ସୀମିତ ଓଭରରେ ଟସ୍ ଜିତି ପ୍ରଥମେ ଇଲେଭେନ୍ ଷ୍ଟାର ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ଓଭରରେ ୯ ଉଇକେଟ୍ ହରାଇ ଦଳ ୪୩ ରନ୍ ସଂଗ୍ରହ କରିଥିଲା। ଜବାବରେ ମା' ମଙ୍ଗଳା ୪.୩ ଓଭରରେ ୩ ଉଇକେଟ୍ ହରାଇ ୪୮ ରନ୍ ସଂଗ୍ରହ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲା। ମା' ମଙ୍ଗଳା ଟିମ୍‌ର ପ୍ରଶାନ୍ତ ସେନାପତି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଭୂତମୁଣ୍ଡାଇର ପୂର୍ବତନ ସରପଞ୍ଚ ଇଂ. ସଞ୍ଜୟ କୁମାର ସ୍ୱାଇଁ ଅତିଥି ରୂପେ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଉକ୍ତ ମ୍ୟାଚ୍‌କୁ ଓସିଏ ଅମ୍ପାୟର ପ୍ୟାନେଲ୍‌ର ସଦସ୍ୟ ପ୍ଲାବନ ସ୍ୱାଇଁ ଏବଂ ପ୍ରଭାତ କୁମାର ଚୌଧୁରୀ ପରିଚାଳନା କରିଥିଲେ। ବୁଢ଼ୀ ଜାଡୁଆଣୀ ଯୁବକ ସଂଘର ବରିଷ୍ଠ ସଦସ୍ୟ ସଞ୍ଜୟ କୁମାର ସ୍ୱାଇଁ, ଲକ୍ଷ୍ମୀକାନ୍ତ ଦାସ, ବୁଦ୍ଧଦେବ ଦାସ, ତପନ ଦାସ, ସଞ୍ଜୟ ଦାସ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ବ୍ଲକସ୍ତରୀୟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସିଧା ପ୍ରସାରଣ

**ନାଉଗାଁ, ୧୭।୧(ସୁଧା ବେହୁରା)**

ନାଉଗାଁ ବ୍ଲକ ଅନ୍ତର୍ଗତ ତିହୁଡ଼ାସ୍ଥିତ ମା' ଜାଗୁଳାଇ ମନ୍ଦିର ପରିସରରେ ବୁଧବାର ବ୍ଲକସ୍ତରୀୟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସିଧା ପ୍ରସାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ତପନ ମହାପାତ୍ର, ଏବିଡିଓ ଦେବେନ୍ଦ୍ର ପ୍ରଧାନ, ଜିପିଓ ଦିନେଶ ରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃପ୍ତା ଲେଙ୍କାଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଥମେ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ଜନସାଧାରଣ ଉପସ୍ଥିତ ରହି ଉପଭୋଗ କରିଥିଲେ। ସେହିପରି ବ୍ଲକର ୧୬ଟି ପଞ୍ଚାୟତ କାର୍ଯ୍ୟାଳୟରେ ଶ୍ରୀମନ୍ଦିର ପରିକ୍ରମା ଉଦ୍‌ଘାଟନୀ ଉତ୍ସବର ସିଧା ପ୍ରସାରଣ କରାଯାଇଥିଲା। ସରପଞ୍ଚଙ୍କ ନେତୃତ୍ୱରେ ପ୍ରତି ପଞ୍ଚାୟତରେ ଜନସାଧାରଣ ପରିକ୍ରମା ପ୍ରକଳ୍ପର ସିଧା ପ୍ରସାରଣକୁ ଦେଖିଥିଲେ।

**ରଘୁନାଥପୁର,(ରାଜେନ୍ଦ୍ର ନାରାୟଣ ସିଂହ):** ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଅବସରରେ ରଘୁନାଥପୁର ବ୍ଲକ ପକ୍ଷରୁ ରଘୁନାଥପୁର ପଞ୍ଚାୟତସ୍ଥିତ କୋରକୋରାଠାରେ ଥିବା ଶ୍ରୀ ଶ୍ରୀ ରୁଦ୍ରେଶ୍ୱର ମହାଦେବ ପୀଠ ପ୍ରାଙ୍ଗଣରେ ଏହାର ସିଧା ପ୍ରସାରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗନ୍ନାଥପ୍ରେମୀ ଯୋଗଦେଇ ଏହି ଦୃଶ୍ୟକୁ ଉପଭୋଗ କରିଥିଲେ। ସେହିପରି ବ୍ଲକର ତଅଁରା ସରପଞ୍ଚ ବଟକୃଷ୍ଣ ନାୟକ, ରେଡୁଆରେ ସରପଞ୍ଚ କିଶୋର ଚନ୍ଦ୍ର ବେହେରା, ବିଦ୍ୟାଧରପୁରରେ ସରପଞ୍ଚ ସାହେଦା ତବ୍‌ସୁମ୍, ଏରଡଙ୍ଗାରେ ସରପଞ୍ଚ ଧର୍ମେନ୍ଦ୍ର ସେଠୀ, ତାରପୁର ସରପଞ୍ଚ ସୁଷମା ମଲ୍ଲିକଙ୍କ ତତ୍ତ୍ୱାବଧାନ ଓ ଅନ୍ୟ ସମସ୍ତ ପଞ୍ଚାୟତର ସରପଞ୍ଚଙ୍କ ପକ୍ଷରୁ ଲୋକଙ୍କ ପାଇଁ ଏହି ଉତ୍ସବର ସିଧା ପ୍ରସାରଣ ବ୍ୟବସ୍ଥା କରାଯାଇଥିଲା। ଏଥିରେ ସମିତି ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ବିଡିଓ ନମିତା ବାରିକ, ଏବିଡିଓ ଜ୍ଞାନଦା ନାୟକ, ସମିତିସଭ୍ୟା ଶାନ୍ତିଲତା ଦ୍ୱିବେଦୀ, ରହିମ୍ ଖାଁ, ଅଜୟ ସାମଲ, ଚନ୍ଦ୍ରକାନ୍ତ ପଣ୍ଡା, ଶ୍ରୀନିବାସ ପଣ୍ଡା ଓ ବ୍ଲକର ଅନ୍ୟ କର୍ମଚାରୀ ବିଭିନ୍ନ ସ୍ଥାନରେ ରହି ସହଯୋଗ ପ୍ରଦାନ କରିଥିଲେ।

**କୁଜଙ୍ଗ,(ମନୋଜ ପ୍ରଧାନ):** କୁଜଙ୍ଗ ବ୍ଲକ ପଡ଼ିଆରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଲାଗି ବିଭିନ୍ନ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହାକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ପୁଷ୍ପଲତା ବେହେରା, କନକପ୍ରଭା ବେହେରା, ଜିଲା ପରିଷଦ ସଭ୍ୟ ପ୍ରମୋଦ ଚରଣ ସ୍ୱାଇଁ, ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଯୋଗଦେଇଥିଲେ। ବ୍ଲକ ସଂଯୋଜକ ଜିତେନ୍ଦ୍ରିୟ ରାଉତ ମଞ୍ଚ ପରିଚାଳନା କରିଥିଲେ। ଏବିଡିଓ ପ୍ରଶାନ୍ତ ଜେନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କିଶୋର ମହାନ୍ତି ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

**ବାଲିକୁଦା,(ତାପସ ସ୍ୱାଇଁ):** ବାଲିକୁଦାର ପତିତପାବନ ମନ୍ଦିର ପ୍ରାଙ୍ଗଣରେ ବ୍ଲକ ପ୍ରଶାସନ ପକ୍ଷରୁ ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ବିଡିଓ ବିକାଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏବିଡିଓ ସଞ୍ଜୟ ଦାସଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉର, ଜିଲା ପରିଷଦ ସଦସ୍ୟ ଜଟାଧାରୀ ଦାସ, ଡଲି ପଣ୍ଡା, ରୁନିଲତା ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରବକ୍ତା ମନୋଜ କୁମାର ପ୍ରଧାନ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଉପରେ ପ୍ରବଚନ ଦେଇଥିଲେ। ଆଦିତ୍ୟ ନନ୍ଦନ ଦାସ, ଶୁଭେନ୍ଦ୍ର ଦାସ, ଶିବ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିପିଇଓ ଦୀପକ ଓଝା, ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀପ୍ତିରେଖା ମଲ୍ଲିକ, ଆଶୁତୋଷ ସ୍ୱାଇଁ, ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ପରିଚାଳକ ସତ୍ୟାର୍ଥ ପ୍ରକାଶ ପରିଡ଼ା ଓ କର୍ମଚାରୀମାନେ ସହଯୋଗ କରିଥିଲେ। ସେହିପରି ବାଲିକୁଦା ବ୍ଲକର ୩୦ଟି ପଞ୍ଚାୟତରେ ସମାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

**ତିର୍ତ୍ତୋଲ,(ଗୌରାଙ୍ଗ ଚରଣ ସ୍ୱାଇଁ):** ତିର୍ତ୍ତୋଲ ବ୍ଲକ ପରିସର ସମେତ ସମସ୍ତ ୨୯ ପଞ୍ଚାୟତରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏହା ସମାହିତ ହୋଇଥିଲା। ଏଥିରେ ଜଗତ୍‌ସିଂହପୁର ଜିଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ବିଡିଓ ତପନ କୁମାର ସେନାପତି, ଜିଲା ପରିଷଦ ସଭ୍ୟ ଗଙ୍ଗାଧର ବିଶ୍ୱାଳ, ରଞ୍ଜିତା ସିଂଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବିରିତୋଳରେ ସରପଞ୍ଚ ରମାମଣି ଦାସଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଜିଲା ବିଜେଡି ଉପସଭାପତି ଅଶ୍ୱିନୀ କୁମାର ଦାସ, ସୁନାକର ଦାସ, ସମିତିସଭ୍ୟ ଜରବକତ ଖାନ୍, ଅଶୋକ କୁମାର ଦାସଙ୍କ ସହିତ ଅଙ୍ଗନୱାଡି କର୍ମୀ ଓ ଏସ୍‌ଏଚ୍‌ଜି ସଦସ୍ୟା, ପଞ୍ଚାୟତର ଜନସାଧାରଣ ଉପସ୍ଥିତ ରହିଥିଲେ। ସାମନ୍ତରାପୁରରେ ସରପଞ୍ଚ ମଧୁସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ସାମନ୍ତରାପୁର ସମବାୟ ସମିତିର ସଭାପତି ସୂର୍ଯ୍ୟନାରାୟଣ ବେହେରା, ସାମାଜିକ କର୍ମୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରବଚକ ଶରଣାରବିନ୍ଦ ଓଝାଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା।


ତିର୍ତ୍ତୋଲରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସିଧା ପ୍ରସାରଣ ସମୟରେ ଶରଣାରବିନ୍ଦ ଓଝାଙ୍କୁ ସମ୍ମାନିତ କରାଯାଉଛି।


ରଘୁନାଥପୁରରେ ଶ୍ରଦ୍ଧାଳୁମାନେ ସିଧା ପ୍ରସାରଣ ଦେଖୁଛନ୍ତି।

## ଚାଷୀଙ୍କୁ ହଇରାଣ କଲେ କଠୋର କାର୍ଯ୍ୟାନୁଷ୍ଠାନ

**କୁଜଙ୍ଗ, ୧୭।୧(ମନୋଜ ପ୍ରଧାନ)**

### ଜଗନ୍ନାଥପୁର ଧାନମଣ୍ଡି ଉଦ୍‌ଘାଟିତ

କୁଜଙ୍ଗସ୍ଥିତ ଜଗନ୍ନାଥପୁର ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ବୁଧବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାନୀ ସାହୁ ମୁଖ୍ୟ ଅତିଥି ଓ ସମ୍ମାନ୍‌ନୀୟ ଅତିଥି ଭାବେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ ଯୋଗଦେଇ ପୂଜାର୍ଚ୍ଚନା ପରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ପରେ ନିୟୋଜିତ ମିଲର ଚାଷୀଙ୍କ ଧାନ କିଣିଥିଲେ। ପ୍ରାଥମିକ ସେବା ସମବାୟ ସମିତି ସଭାପତି ରଘୁନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଚାଷୀମାନଙ୍କୁ କେତେକ ସେବା ସମବାୟ ସମିତି ଠିକ୍‌ରୂପେ ସେବା ଯୋଗାଉ ନ ଥିବାର ଅଭିଯୋଗ ପାଇଥିବା ଅଧ୍ୟକ୍ଷା ନିଜ ବକ୍ତବ୍ୟରେ ସ୍ୱୀକାର କରିଥିଲେ। ମଣ୍ଡିରେ ଚାଷୀ ଯେପରି ଶୋଷଣର ଶିକାର ନ ହୁଅନ୍ତି ସେଥିପ୍ରତି ଯତ୍ନବାନ୍ ହେବାକୁ ସରପଞ୍ଚ ଦାସ ପରାମର୍ଶ ଦେଇଥିଲେ। ମଣ୍ଡି ଖୋଲା ଯାଇଥିବା ସ୍ଥାନ ଖାଲୁଆ ଓ ମାଟି ରହୁଥିବାରୁ ବର୍ଷା ଅସରାଏ ହେଲେ ଧାନଅଖା ଭିଜି ଯିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଆସନ୍ତା ଖରିଫ ଧାନ କିଣାହେବା ପୂର୍ବରୁ ଉକ୍ତ ସ୍ଥାନକୁ କଂକ୍ରିଟ୍ ଚଟାଣ କରାଯିବା ନିଶ୍ଚିତ ବୋଲି ସରପଞ୍ଚ ଦାସ ଘୋଷଣା କରିଥିଲେ। ଦୁର୍ନୀତି ଅଭିଯୋଗ ଆସିବାମାତ୍ରେ ସମ୍ପୃକ୍ତ କର୍ମଚାରୀଙ୍କ ଉପରେ ଅବିଳମ୍ବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଘୋଷଣା କରିଥିଲେ। ଉତ୍ସବରେ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ କୁଜଙ୍ଗ ଶାଖା ପରିଚାଳକ ସୁଜିତ୍ କୁମାର ଦାସ ଯୋଗଦେଇ ଚାଷୀମାନଙ୍କୁ ସବୁ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାକୁ ସମବାୟ ବ୍ୟାଙ୍କ ପ୍ରସ୍ତୁତ ଅଛି। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶନା ମଣ୍ଡଳୀ ସଭ୍ୟ ହରିଗୁରୁ ଦାସ , ଦିଲୀପ ଦାସ, ବରିଷ୍ଠ ସଭ୍ୟ ଦେବ ପ୍ରସାଦ ପଟ୍ଟନାୟକଙ୍କ ସହ ବହୁ ଚାଷୀ ଉପସ୍ଥିତ ଥିଲେ। ସମବାୟ ସମିତି ସମ୍ପାଦକ ରାଜକିଶୋର ଦାସ ଧାନକ୍ରୟର ବିଭିନ୍ନ ଦିଗ ଉପରେ ଅବଗତ କରାଇବା ସହ ଧନ୍ୟବାଦ ଦେଇଥିଲେ।


ମଣ୍ଡି ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥି।

## ଓଡ଼ିଆ ସାହିତ୍ୟରେ ଜୀବନର ଦର୍ଶନ ରହିଛି


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

**ଜଗତ୍‌ସିଂହପୁର, ୧୭।୧(ପ୍ରମୋଦ କୁମାର ନାୟକ)**

### ଜଗତ୍‌ସିଂହପୁର ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟା

ଓଡ଼ିଆ ସାହିତ୍ୟ ସମୃଦ୍ଧ। ଏଥିରେ ଭାରତୀୟ ଜୀବନର ଦର୍ଶନ ରହିଛି। ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଜଗତ୍‌ସିଂହପୁର ପୁସ୍ତକ ମେଳାର ରୌପ୍ୟ ଜୟନ୍ତୀ ସମାରୋହର ତୃତୀୟ ସନ୍ଧ୍ୟାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଗତ୍‌ସିଂହପୁର ପୂର୍ବତନ ଜିଲାପାଳ ଧନଞ୍ଜୟ ଦାସ ଏହା କହିଛନ୍ତି। ସେ ବିଶେଷକରି ପୁସ୍ତକ, ଓଡ଼ିଆ ସାହିତ୍ୟର ଗରିମା ସମ୍ପର୍କରେ ବଖାଣିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସୁନାମଧନ୍ୟ ସାହିତ୍ୟିକ ହର୍ଷବର୍ଦ୍ଧନ ଧଳମହାପାତ୍ର ଯୋଗଦେଇ ଜଗତ୍‌ସିଂହପୁର ଜିଲାରେ କିପରି ସୃଜନଶୀଳତା ବଞ୍ଚିରହିଛି ତା' ଉପରେ କହିଥିଲେ। ଏହାସହ ଜିଲାର ଜିଲାପାଳ ଥିବା ସମୟରେ ପୁସ୍ତକ ମେଳାର ଅନୁଭୂତି ବଖାଣିଥିଲେ। ମହାବାତ୍ୟା ଭଳି ରାଷ୍ଟ୍ରୀୟ ବିପତ୍ତି ସମୟରେ ଜଗତ୍‌ସିଂହପୁର ପୁସ୍ତକ ମେଳା ପାଇଁ ଉଦ୍ୟମ ହେବା ନିଶ୍ଚିତ ଭାବେ ଅବିସ୍ମରଣୀୟ। ଏଥିସହ ଜିଲାର ସମୃଦ୍ଧ ଇତିହାସ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା କହିଥିଲେ। ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ରବୀନ୍ଦ୍ରନାଥ ମିଶ୍ର ବେଦପାଠ କରିଥିଲେ। ପରିଷଦ କାର୍ଯ୍ୟକାରିଣୀ କମିଟି ସଭ୍ୟ ନାଟ୍ୟକାର ଡ. କୈଳାସ ଚନ୍ଦ୍ର ମଲ୍ଲିକ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ପୂର୍ବାହ୍ନରେ କବିତା ପାଠୋତ୍ସବ, ଅପରାହ୍ନରେ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଉପଲକ୍ଷେ ନାଟକ କ୍ଳାନ୍ତ ଗଜପତି ମଞ୍ଚସ୍ଥ ହୋଇଥିଲା। ଲୋକକବି ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ସ୍ମୃତି ପରିଷଦ କଳାକାରମାନଙ୍କ ଦ୍ୱାରା ପରିବେଷିତ ନାଟକକୁ ମହେନ୍ଦ୍ର କୁମାର ଆଚାର୍ଯ୍ୟ ରଚନା କରିଥିବା ବେଳେ ଉତ୍କଳ ରଞ୍ଜନ ମହାନ୍ତି ନିର୍ଦ୍ଦେଶନା ଦେଇଥିଲେ। ଏହାସହିତ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା।

## ମହାଦେବ ମନ୍ଦିର ରତ୍ନମୁଦ ଉତ୍ସବ

**ଏରସମା, ୧୭।୧ (ଦୀପ୍ତିରଞ୍ଜନ ଖଣ୍ଡୁଆଳ)**

ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଓଲରକ୍ଷ ଗ୍ରାମର ବିଶେଶ୍ୱର ମହାଦେବ ମନ୍ଦିରର ରତ୍ନମୁଦ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ସରପଞ୍ଚ କେଶବ ପାତ୍ର ଓ ତାଙ୍କ ପତ୍ନୀ ସୁନୀତା ସାହୁ କର୍ତ୍ତା ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିମାଇଁ ଚରଣ ମଲ୍ଲିକ, ସରପଞ୍ଚ ପ୍ରତିଭାରାଣୀ ପାତ୍ର, ପୂର୍ବତନ ସରପଞ୍ଚ ଶ୍ରୀକାନ୍ତ ମାଇତି, ସମିତିସଭ୍ୟ ନାରାୟଣ ସେଠୀ, ସାମାଜିକ କର୍ମୀ ଅରୁଣ କୁମାର ବେହେରା, କୈଳାସ ଚନ୍ଦ୍ର କାଣ୍ଡି ପ୍ରମୁଖ ବିଶେଶ୍ୱର ମହାଦେବ ମନ୍ଦିର ନିର୍ମାଣ କମିଟିର କର୍ମକର୍ତ୍ତା କାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ଶ୍ରଦ୍ଧାଳୁମାନେ ଧାନ, ମୁଗ, ବିରି, କୋଳଥ ପ୍ରଭୃତି ବିଭିନ୍ନ ଶସ୍ୟ ସହିତ ସୁନା, ରୁପା ଆଦି ଧାତୁ ରତ୍ନମୁଦ ପାଇଁ ଅର୍ପଣ କରିଥିଲେ। ଏଥିରେ ବାଲିକୁଦାର ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, କାଳିଆ ଯୋଜନାର ଉପଦେଷ୍ଟା ସାରଦା ପ୍ରସନ୍ନ ଜେନା, ଜିଲା ପରିଷଦ ସଭ୍ୟ ପୀତବାସ ଗୋଛାୟତ, ରାନୀ ଟୁଡୁ ପ୍ରମୁଖ ସହଯୋଗ କରିଥିଲେ।


ରତ୍ନମୁଦ ଲାଗି କର୍ତ୍ତା ଶସ୍ୟ ନେଇ ଯାଉଛନ୍ତି।

## ସଡ଼କର ନାମ ବିସର ମହାନ୍ତି ରଖିବାକୁ ଦାବି

**କୁଜଙ୍ଗ, ୧୭।୧(ମନୋଜ ପ୍ରଧାନ)**

### କୁଜଙ୍ଗ ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

କୁଜଙ୍ଗ ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡ. ପ୍ରଭାକର ମହାରଣା ଯୋଗଦେଇ କୁଜଙ୍ଗର ମହାନ୍ ଐତିହ୍ୟ ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୀନବନ୍ଧୁ ସେନାପତି ଯୋଗଦେଇ କୁଜଙ୍ଗ ହେଉଛି ଶିକ୍ଷା ଓ ସଂସ୍କୃତିର ମହାମେଳନ ସ୍ଥଳ। ମୁଖ୍ୟବକ୍ତା ଭାବେ କବି ପୀତାମ୍ବର ତରାଇ ଯୋଗଦେଇ ଜଗନ୍ନାଥଙ୍କ ସହିତ କୁଜଙ୍ଗ ମାଟିର ସମ୍ପର୍କ କେତେ ନିବିଡ଼ ତାହା ସମସ୍ତଙ୍କୁ ଜଣା। ଯେଉଁ ମହାପ୍ରଭୁଙ୍କର ଅର୍ଦ୍ଧଦଗ୍ଧ ନାଭିକମଳକୁ ମୃଦଙ୍ଗ ମଧ୍ୟରେ ଲୁଚାଇ ଆଣି କୁଜଙ୍ଗ ମାଟିର କିମ୍ବଦନ୍ତୀ ବିସର ମହାନ୍ତି ବଣ ମଧ୍ୟରେ ଲୁଚାଇ ରଖି ପୂଜା କରିଥିଲେ। ଜଗନ୍ନାଥଙ୍କ ଅନ୍ୟତମ ଲୀଳାକ୍ଷେତ୍ର ଗଡ଼କୁଜଙ୍ଗରେ ପ୍ରଭୁ କୁଞ୍ଜବିହାରୀ ନାମରେ ସେ ପୂଜା ପାଉଛନ୍ତି। ତେଣୁ ସେହି କୁଜଙ୍ଗ ମାଟିର କିମ୍ବଦନ୍ତୀଙ୍କ ସ୍ମୃତିରକ୍ଷା ନିମନ୍ତେ କୁଜଙ୍ଗ ବାଲିତୁଠ ରାସ୍ତାକୁ ବିସର ମହାନ୍ତି ସଡ଼କ ନାମରେ ନାମିତ କରିବାକୁ ତରାଇ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅରୁଣ ବେହେରା ଯୋଗଦେଇଥିଲେ। ଦୁଷ୍ମନ୍ତ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାକୁ ସଞ୍ଚାଳନ କରିଥିଲେ ଅଧ୍ୟାପିକା ରୋଜାଲିନ୍ ଜେନା। ବିଚିତ୍ରାନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ।



ମହୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

## ରାସ୍ତା ଖୋଳାଯିବାରୁ ଯାତାୟାତରେ ସମସ୍ୟା

**ନାଉଗାଁ, ୧୭।୧(ସୁଧା ବେହୁରା)**

### ନାଉଗାଁ-ଡାବର ରାସ୍ତା

- ୯ ଦିନ ହେବ ଖୋଳାଯାଇଛି
- ପରବର୍ତ୍ତୀ କାର୍ଯ୍ୟ କରାଯାଉନାହିଁ

ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ-ଡାବର ରାସ୍ତାର ସମ୍ପ୍ରସାରଣ ଓ ପୁନଃ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ଜଗତ୍‌ସିଂହପୁର ଅଧୀନରେ ରହିଛି। ଦୀର୍ଘ ୯ ଦିନ ହେବ ଉକ୍ତ ରାସ୍ତାର ଗୋଠଦା ଗାଦିମଠରୁ ଅରିଓଦା ପର୍ଯ୍ୟନ୍ତ ଉପର ପିଚୁକୁ ଉଠାଯିବା ସହ ଗୋଟିଏ ପାର୍ଶ୍ୱରେ ନାଳ ଖୋଳାଯାଇଛି। ନିଯୁକ୍ତ ଠିକାଦାର ପ୍ରାୟ ଦେଢ଼ କି.ମି.ରୁ ଊର୍ଦ୍ଧ୍ୱ ରାସ୍ତା ଖୋଳି ପକାଇଛନ୍ତି। ମାତ୍ର ନିର୍ମାଣ କାର୍ଯ୍ୟ କରୁନାହାନ୍ତି। ଏହି ରାସ୍ତାର ଦହିପାଳ ନିକଟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରହିଛି। ଉକ୍ତ ବିଦ୍ୟାଳୟକୁ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଛୋଟ ପିଲାମାନେ ସାଇକେଲ ମାଧ୍ୟମରେ ଆସିଥାନ୍ତି। ମାତ୍ର ରାସ୍ତା ଖୋଳାଯାଇଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ପିଲାମାନେ ରାସ୍ତାରେ ପଡ଼ି ଖଣ୍ଡିଆଖାବରା ହେଉଛନ୍ତି। କେବଳ ସେତିକି ନୁହେଁ ଦହିପାଳ ଉଚ୍ଚ ବିଦ୍ୟାଳୟ, ଦହିପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟ ଏହି ରାସ୍ତା ପାର୍ଶ୍ୱରେ ଅବସ୍ଥିତ। ଏହି ରାସ୍ତା ଦେଇ ଏବେ କୌଣସି ଗାଡ଼ି ଆସି ପାରୁ ନ ଥିବା ବେଳେ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଗାଁର ଲୋକେ ଚାଲି କରି ମଧ୍ୟ ଯାତାୟାତ କରିପାରୁନାହାନ୍ତି। ରାସ୍ତା ଦେଇ ଡାବର, ତିରୁଣା ଆଦି ପଞ୍ଚାୟତର ଜନସାଧାରଣଙ୍କ ସମେତ ବାଲିକୁଦା ବ୍ଲକର ଜନସାଧାରଣ ବିଭିନ୍ନ କାର୍ଯ୍ୟରେ ନାଉଗାଁକୁ ଅସିଥାନ୍ତି। ମାତ୍ର ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଥିବାରୁ ସେମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ନିୟମାନୁସାରେ ରାସ୍ତା ଖୋଳା ଯିବା ପରେ ସେଥିରେ ଡଷ୍ଟ ପକାଯାଇ ରୋଲିଂ କରାଯିବ। କିନ୍ତୁ ଉକ୍ତ ରାସ୍ତା ୯ଦିନରୁ ଊର୍ଦ୍ଧ୍ୱ ସମୟ ହେବ ଖୋଳା ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟ କରାଯାଇନାହିଁ। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରମାକାନ୍ତ ମିଶ୍ରଙ୍କୁ ପଚାରିବାରେ, ଏ ବିଷୟରେ ଠିକାଦାରଙ୍କ ସହ କଥା ହୋଇଛି, ଖୁବ୍‌ଶୀଘ୍ର ରାସ୍ତା କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ ମତବ୍ୟକ୍ତ କରିଥିଲେ।



## ସଂକ୍ଷେପରେ

### ଜିଲାସ୍ତରୀୟ ଜନରାଜ୍ୟ ଦିବସ ନେଇ ପ୍ରତିଯୋଗିତା

ଛତ୍ରପୁର,୧୭।୧(ସନ୍ତୋଷ ପାଢ଼ୀ): ଚଳିତ ବର୍ଷର ଜିଲାସ୍ତରୀୟ ଜନରାଜ୍ୟ ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟ ଓ ମହା ବିଦ୍ୟାଳୟସ୍ତରରେ ଓଡିଆ ବକ୍ତୃତା ପ୍ରତିଯୋଗିତା ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ବିଦ୍ୟାଳୟ ସ୍ତରରେ 'ଅହିଂସା ଓ ଭାରତୀୟ ଆଦର୍ଶ', ମଧ ଇଂରାଜୀ ବିଦ୍ୟାଳୟସ୍ତରରେ 'ବୈଶ୍ୱିକ ପ୍ରେକ୍ଷାପଟ୍ଟରେ ଭାରତୀୟ ଗଣତନ୍ତ୍ର', ଉଚ୍ଚ ବିଦ୍ୟାଳୟ ସ୍ତରରେ 'ବିଶ୍ୱାୟନରେ ଭାରତୀୟ ଗଣତନ୍ତ୍ରର ବିଶେଷତ୍ୱ' ଏବଂ ମହାବିଦ୍ୟାଳୟ ସ୍ତରରେ 'ଭାରତୀୟ ଗଣତନ୍ତ୍ର ବିଶ୍ୱର ଆଦର୍ଶ' ଉପରେ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାର ବିଚାରକ ଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ସନ୍ତୋଷ କୁମାର ପାଢୀ ଓ ପ୍ରଶାନ୍ତ କୁମାର ଶତପଥୀ ଯୋଗ ଦେଇଥିଲେ।

### ଆତ୍ମସୁରକ୍ଷା ତାଲିମ୍ ଶିବିର

ଦିଗପହଣ୍ଡି,୧୭।୧(ଅଶେଷ ନାଥ ମିଶ୍ର)

ମଙ୍ଗଳବାର ବିଜୁ ପଟ୍ଟନାୟକ ଯୁକ୍ତ ଦୁଇ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ଆତ୍ମ ସୁରକ୍ଷା ତାଲିମ୍ ଶିବିରରେ ୩୦ ରୁ ଉର୍ଦ୍ଧ୍ୱ ଛାତ୍ରୀ ତାଲିମ୍ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମ ଅବ୍ୟବହିତ ପୂର୍ବରୁ ମହାବିଦ୍ୟାଳୟର ଅଧକ୍ଷା ସସ୍ମିତା ପାଠୀଙ୍କ ଅଧକ୍ଷତାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବକ୍ତାମାନେ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିବା ସହ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ପିତବାସ ପାଢୀ, ଅଧାପିକା ସବିତା ପଣ୍ଡା, ମଞ୍ଜୁଳା ସାମନ୍ତରା, ମମିତା କୁମାରୀ ପଣ୍ଡା, ଏମ୍.ଭାସ୍କର ପ୍ରମୁଖ ପରିଚାଳନାରେ ସହାୟତା କରିଥିବା ବେଳେ ଅଧାପକ ସୁଧିର କୁମାର ପଣ୍ଡା ସଭା ପରିଚଳନା କରିଥିଲେ ।

### ମଦ ଭାଟିରେ ଚଢ଼ାଉ, ଜଣେ ଗିରଫ

ଟିକିରି,୧୭।୧(ପ୍ରଫୁଲ କୁମାର ବେହେରା) କଳାହାଣ୍ଡି ଓ ରାୟଗଡା ଜିଲା ସୀମାନ୍ତ ଅଞ୍ଚଳର ବେଆଇନ ମଦଭାଟି ଉପରେ କାଶୀପୁର ଥାନା ପକ୍ଷରୁ ବୁଧବାର ପୁଣି ଚଢ଼ାଉ କରାଯାଇ ବହୁ ପରିମାଣର ମହୁଲ ଓ ପୋଚ ନଷ୍ଟ କରାଯାଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି । କାଶୀପୁର ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାଏକଙ୍କ ନେତୃତ୍ୱରେ ଏକ ଟିମ ଜିଲା ସୀମାନ୍ତରେ ଅବସ୍ଥିତ ଏକାଧିକ ଗ୍ରାମରେ ଥିବା ବେଆଇନ ମଦଭାଟି ଉପରେ ଚଢ଼ାଉ କରିଥିଲେ। ଏଥିରେ ମଦ ରାନ୍ଧିବା ପାଇଁ ପ୍ରସ୍ତୁତ ଥିବା ୨୫୦୦ କେଜିର ମହୁଲ ଓ ଗୁଡ଼ ପୋଚକୁ ପୋଲିସ ନଷ୍ଟ କରିବା ସହ ବ୍ୟବହୃତ ସରଞ୍ଜାମ ସବୁ ଜବତ କରିଛି। ଆଗାମୀ ଦିନରେ ପାଟ୍ରୋଲିଂ ବ୍ୟାପକ କରାଯାଇ କାଶୀପୁର ଅଞ୍ଚଳକୁ ମଦମୁକ୍ତ କରିବାକୁ ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାଏକ ପ୍ରକାଶ କରିଛନ୍ତି ।

# ଚେନ୍ନାଇରେ ହତ୍ୟା, ବ୍ରହ୍ମପୁରରେ ଆତ୍ମସମର୍ପଣ

**୫ ଦିନିଆ ରିମାଣ୍ଡରେ ନେଲା ଚେନ୍ନାଇ ପୋଲିସ**

ବ୍ରହ୍ମପୁର,୧୭।୧(ସୁବାସ ଚନ୍ଦ୍ର ପାଢ଼ୀ)– ତାମିଲନାଡୁର ଚେନ୍ନାଇରେ ଜଣେ ଓଡ଼ିଆ ଯୁବକଙ୍କୁ ଗତ ୧୪ ତାରିଖରେ ପଥରରେ ଛେଚି ହତ୍ୟା କରିବା ପରେ ହତ୍ୟାକାରୀ ଟ୍ରେନରେ ଆସି ବ୍ରହ୍ମପୁର ଗୋସାଣିନୂଆଗାଁ ଥାନାରେ ଗତ ମଙ୍ଗଳବାର ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ଭଦ୍ରକ ଜିଲା ବାସୁଦେବପୁର ଥାନା ଅଡୁଆ ଗାଁର ବିଦୁର ମଲିକ(୨୬)।

ବିଦୁର ଚେନ୍ନାଇରେ ତାଙ୍କ ଗାଁର ବନ୍ଧୁ ଭରତ ମଲିକଙ୍କ ସହ ରହି ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ମକର ଉତ୍ସବ ପାଇଁ ଭୋଜି କରି ଉଭୟେ ମଦ୍ୟପାନ କରିଥିଲେ। ପରେ କୌଣସି ଏକ କଥାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ଓ ପରେ ମାରପିଟ ହୋଇଥିଲା। ବିଦୁର ଉତ୍ତ୍ୟକ୍ତ ହୋଇ ଭରତଙ୍କୁ ପଥରରେ ଛେଚି ହତ୍ୟା କରିଥିଲେ। ଏହାପରେ ଭୟରେ ବ୍ରହ୍ମପୁର ଆସି ଅନ୍ୟ ଜଣେ ବନ୍ଧୁଙ୍କ କହିବା ପ୍ରକାରେ ଥାନାରେ ଆତ୍ମସମର୍ପଣ କରିଥିବା ସ୍ୱୀକାର କରିଛନ୍ତି। ବ୍ରହ୍ମପୁର ଏସ୍‌ପି



ହତ୍ୟା ଅଭିଯୁକ୍ତ ବିଦୁର।

ଯୋଗାଯୋଗ କରିବାରୁ ବୁଧବାର ଚେନ୍ନାଇ ପୋଲିସ ବ୍ରହ୍ମପୁର ଆସିଥିଲା। ବ୍ରହ୍ମପୁର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ସିଜେଏମ୍)ବିଷ୍ଣୁପ୍ରସାଦ ମିଶ୍ରଙ୍କ କୋର୍ଟରେ ଅଭିଯୁକ୍ତ ବିଦୁରଙ୍କୁ ହାଜର କରାଇ ୫ ଦିନ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। ସିଜେଏମ୍ ରିମାଣ୍ଡ ଆବେଦନକୁ ମଞ୍ଜୁର କରିଛନ୍ତି। ଚେନ୍ନାଇ ପୋଲିସ ବିଦୁରଙ୍କୁ ନେଇ ଗୁମୁଟିପୁଣ୍ଡି ଜୁଡିସିଆଲ ମାଜିଷ୍ଟ୍ରେଟ କୋର୍ଟରେ ହାଜର କରିବ ବୋଲି ଏସଆଇ ଭାସ୍କର ଡି. ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ବିଦୁରଙ୍କ ସାଙ୍ଗ ସତ୍ୟବ୍ରତ ମଲିକ ପୂର୍ବରୁ ଚେନ୍ନାଇରେ ରହି ଠିକାଦାର କାମ କରୁଥିଲେ। ତାଙ୍କ ସହ ଯୋଗାଯୋଗ କରି ଗତ ୧ତାରିଖରେ ସେ ନିଜେ ଚେନ୍ନାଇ ଯାଇ ଗୁମୁଟିପୁଣ୍ଡି ଠାରେ ଏକ ଭଡ଼ାଘରେ ରହୁଥିଲେ। ସେଠାରେ ବନ୍ଧୁ ଭରତ ମଧ ରହୁଥିଲେ। କାମ ପାଇଁ କହିବାରୁ ସତ୍ୟବ୍ରତ ତାଙ୍କୁ ଏକ ସ୍ପେୟାର୍ ପାର୍ଟ୍ସ କମ୍ପାନୀରେ କାମ ଯୋଗାଇ ଦେଇଥିଲେ। ଭରତ ମଧ ସେହି କମ୍ପାନୀରେ କାମ କରୁଥିଲେ। ମକର ଉତ୍ସବ ପାଇଁ କମ୍ପାନୀ ଛୁଟି ଥିବା ବେଳେ ଭରତ ଏବଂ ବିଦୁର ଭଡ଼ାଘରେ ଭୋଜି କରିଥିଲେ। ଦୁହେଁ ମଦ୍ୟପାନ ପରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଭରତ ସ୍ଥାନୀୟ କେତେଜଣ ତାମିଲ୍ ବନ୍ଧୁଙ୍କୁ ଡାକି ବିଦୁରଙ୍କୁ ପିଟିଥିଲେ। ତେଣୁ ପ୍ରତିଶୋଧ ପରାୟଣ ହୋଇ ବିଦୁର ଏକ ପଥରରେ ଭରତଙ୍କ ମୁଣ୍ଡକୁ ଛେଚି ଦେବାରୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ବିଦୁର ଘରକୁ ଫେରି ଆସିବା ପାଇଁ ଟ୍ରେନରେ ଚଢ଼ିଥିଲେ। କାମ ଯୋଗାଇ ଦେଇଥିବା ସତ୍ୟବ୍ରତଙ୍କୁ ବିଦୁର ଫୋନ୍ କରି ସବୁକଥା କହିଥିଲେ। ତେବେ ଗାଁକୁ ନଆସି ଯେ କୌଣସି ଥାନାରେ ଆତ୍ମସମର୍ପଣ କରିନେବାକୁ ତାଙ୍କୁ ପରାମର୍ଶ ଦେବାରୁ ବିଦୁର ବ୍ରହ୍ମପୁର ଷ୍ଟେସନରେ ଓହ୍ଲାଇ ଗୋସାଣିନୂଆଗାଁ ଥାନାରେ ଆତ୍ମସମର୍ପଣ କରିଥିଲେ। ଅନ୍ୟପଟେ ସତ୍ୟବ୍ରତଙ୍କ ଅଭିଯୋଗ କ୍ରମେ ପୋଲିସ ନଂ.୬୩/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା।

# ତୀର୍ଥଯାତ୍ରାରେ ଗଲେ ୯୦ ବରିଷ୍ଠ ନାଗରିକ



ତୀର୍ଥଯାତ୍ରୀ ବସ୍‌କୁ ଜିଲାପାଳ ପତାକା ହଲାଇ ଶୁଭାରମ୍ଭ କରୁଛନ୍ତି।

ପାରଳାଖେମୁଣ୍ଡି,୧୭।୧ (ଗିରିଧାରୀ ପରିଛା):

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରୁ ବାରଣାସୀ ପ୍ରୟାଗ ଅଭିମୁଖେ ଯାତ୍ରା କରିବା ପାଇଁ ୯୦ ତୀର୍ଥ ଯାତ୍ରୀଙ୍କୁ ନେଇ ଦୁଇଟି ବସ୍ ଯାତ୍ରା କରିଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ଜି. ତିରୁପତି ରାଓ ଉପସ୍ଥିତି ଥିବା ବେଳେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଓ ପୌରପରିଷଦ ଅଧକ୍ଷା ନିର୍ମଳା ସେଠୀ ଉପସ୍ଥିତ ଥିଲେ। ସେମାନେ ବ୍ରହ୍ମପୁରରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ଯାତ୍ରା କରିବେ। ଗୋଷାଣି ବ୍ଲକରୁ ୩୨ ଜଣ, କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୯, ଗୁମ୍ମାରୁ ୧୫, ମୋହନାରୁ ୬, କାଶିନଗରରୁ ୨୧ ଏବଂ ପାରଳାଖେମୁଣ୍ଡି ମୁନିସିପାଲିଟିରୁ ୭ ଜଣ ତୀର୍ଥଯାତ୍ରୀ ପ୍ରୟାଗ ଅଭିମୁଖେ ଯାତ୍ରା କରିଛନ୍ତି।

# ଗ୍ରାମାଞ୍ଚଳ ଲୋକ କଳାକାରଙ୍କୁ ତାଲିମ



କୋଦଳା,୧୭।୧ (ଅମିତ କୁମାର ପଟ୍ଟନାୟକ)

ବେଗୁନିଆପଡା ବ୍ଲକ ମର୍ଦ୍ଦମେଖ ପଞ୍ଚାୟତ ସଭାଗୃହ ପରିସରରେ ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ଗ୍ରାମାଞ୍ଚଳ ଲୋକ କଳାକାରଙ୍କ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ମହେଶ୍ୱର ବରାଡ଼ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷ ସୁଧାକର ପ୍ରଧାନ, ଜିପିଇଓ ଅଶୋକ କୁମାର ଜେନା, ଆସିକା ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ହୃଷିକେଶ ମେହେଣା ପ୍ରମୁଖ ଉପସ୍ଥିତ ରହି ସ୍ଥାନୀୟ କଳାକାରମାନଙ୍କୁ କଳା ଉପରେ ତାଲିମ ପ୍ରଦାନ କରିଥିଲେ। ଏଥିରେ ବହୁ କଳାକାର ଗୁରୁ ଏବଂ ଗ୍ରାମାଞ୍ଚଳ କଳାକାରମାନେ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ନୂଆ–ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭଞ୍ଜନଗର,୧୭।୧(ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ଲକ ଜିଲୁଣ୍ଡି ମିନି ଷ୍ଟାଡିୟମ ସୋମବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ଏଥିସହ ଗୋଷ୍ଠୀକେନ୍ଦ୍ର, ମିଶନ ଶକ୍ତି ଭବନ ମଧ ଉଦଘାଟିତ ହୋଇଛି। ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସବୁ ଉଦଘାଟନ କରିଥିଲେ। ଏହାପରେ ଆଇଇସି କାର୍ଯ୍ୟକ୍ରମ ଉଦଘାଟନ ହୋଇଥିଲା। ଏଥିସହ ବ୍ଲକସ୍ତରୀୟ ନୂଆ–ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଷ୍ଟାଡିୟମ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ କହିଥିଲେ ନୂଆ–ଓ କାର୍ଯ୍ୟକ୍ରମ ଗ୍ରାମାଞ୍ଚଳରେ ଲୁକ୍କାୟିତ ଅବସ୍ଥାରେ ଥିବା ପ୍ରତିଭାଙ୍କୁ ଖୋଜି ବାହାର କରିବାରେ ସହାୟକ ହୋଇପାରିଛି। ବିଡିଓ ଶଶିଭୂଷଣ ମହାପାତ୍ର କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧରେ ବ୍ଲକ ଅଧକ୍ଷ ନରି ସଭା ନାୟକ, ଉପାଧକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ଏନ୍‌ଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ଜିଲାପରିଷଦ ସଭ୍ୟ ଜିତେନ୍ଦ୍ର କେଶରୀ ଆରୁଖ, ଜିଲା ବିଜେଡ଼ି ଉପସଭାପତି ରାଜକୁମାର ସାହୁ, ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଏମ୍‌ପି ପ୍ରତିନିଧି ଦିବାକର ନାୟକ, ପଞ୍ଚାନନ ପାଲ, ସରପଞ୍ଚ ରଞ୍ଜିତ ଆରୁଖ, ସମିତିସଭ୍ୟ ରଣ ବିଜ ପ୍ରଧାନ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶୂଳ ପାଣି ସତପଥୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଲୋକନାଥ କର ସଭା ସଂଯୋଜନା କରିଥିଲେ। ଏହାପୂର୍ବରୁ ଲାଲସିଂ ପଞ୍ଚାୟତର ଲଣ୍ଡେଇସାହି ରଘୁନାଥ ମନ୍ଦିର ଭୋଜନ ମଣ୍ଡପ ମନ୍ତ୍ରୀ ଉଦଘାଟନ କରିଥିଲେ।

# ଏକଦିବସୀୟ ହ୍ୟାଣ୍ଡବଲ୍ ଟୁର୍ନାମେଣ୍ଟ



ପୁରସ୍କୃତ କରୁଛନ୍ତି ଅତିଥି।

ବୁଗୁଡା,୧୭।୧(କାଳିଚରଣ ଦାଶ)

ସ୍ଥାନୀୟ ମା' ମାଳିଖୋଳା ଯୁବକ ସଂଘ ପକ୍ଷରୁ ବୁଗୁଡ଼ା ଏନ୍‌ଏସି ଅନ୍ତର୍ଗତ ଅନ୍ନପୂର୍ଣ୍ଣା ନଗରଠାରେ ଏକ ହ୍ୟାଣ୍ଡବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଟୁର୍ନାମେଣ୍ଟକୁ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଏନ୍‌ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା କେ. ପ୍ରିୟଦର୍ଶିନୀ ଆଚାରୀ ଓ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ଏନ୍‌ଏସି ଉପାଧକ୍ଷା ଗୀତାଞ୍ଜଳି ପାଢ଼ୀ, କାଉନ୍‌ସିଲର ଭାଗ୍ୟଲତା ମହାନ୍ତି ଓ ଆଶୁତୋଷ ବଢେଇ, କେ.ତ୍ରିଲୋଚନ ଦୋରା ପ୍ରମୁଖ ଯୋଗଦେଇଥିଲେ। ଏହି ଏକଦିବସୀୟ ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚରେ ବୁଗୁଡା କେନାଲ ସାହି ଦଳ ପୋଲସରା ଦଳକୁ ପରାସ୍ତ କରିଥିଲା। ଅତିଥିମାନଙ୍କ ଦ୍ୱାରା ବିଜେତା ଦଳକୁ ୱିନର ଟ୍ରଫି ଏବଂ ଉପବିଜେତା ଦଳକୁ ରନର୍ ଟ୍ରଫି ପ୍ରଦାନ କରାଯାଇଥିଲା। ଯୁବକ ସଂଘ ସଭାପତି ଚନ୍ଦନ ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଟୁର୍ନାମେଣ୍ଟକୁ ସଂଘର ସଦସ୍ୟଗଣ ପରିଚାଳନା କରିଥିଲେ।

# ଗଣତନ୍ତ୍ର ସମସ୍ୟା ଆହ୍ୱାନ ଉପରେ ଆଲୋଚନାଚକ୍ର

ଟିକାବାଲି, ୧୭।୧(ଗଗନ ବିହାରୀ ପଟ୍ଟନାୟକ)

ଟିକାବାଲି ଏ.ଏମ୍.ସି.ଏସ ମହା ବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ତରଫରୁ 'ଭାରତୀୟ ଗଣତନ୍ତ୍ର ସମସ୍ୟା ଓ ଆହ୍ୱାନ' ଉପରେ ଏକ ଜାତୀୟ ଆଲେଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଦୀନବନ୍ଧୁ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ ଗୀତାଳି ଦାସ, ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ରାଜନୀତି ବିଜ୍ଞାନ ପ୍ରଫେସର ଡ ବିଷ୍ଣୁ ଚରଣ ଚୌଧୁରୀ, ବକ୍ତା ଭାବେ ନାଗାଲାଣ୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ ଦାଶରଥି



ଭୂୟାଁ ଯୋଗଦେଇ ଏହି ପ୍ରସଙ୍ଗ ଉପରେ ବିଷଦ ଭାବେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପକ ବନମାଳି ବେହେରା କାର୍ଯ୍ୟକ୍ରମ ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଅଧାପକ ରତନ ଦିଗାଲ ଅତିଥି ପରିଚୟ ଓ ଅଧାପିକା ସଂଘମିତ୍ରା ଦାସ ଧନ୍ୟବାଦ ଦେଇଥିଲେ । ଦ୍ୱିତୀୟ ଅଧିବେଶନରେ ପ୍ରାକ୍ତନ ଅଧାପକ ତପନ କୁମାର ମିଶ୍ର ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଡ ଅଶୋକ କୁମାର ପାତ୍ର, ଡ ଶୁଭ୍ରାଂଶୁ ଶେଖର ବାହିନୀ ପତି, ଅକ୍ଷୟ କୁମାର ସାହୁ, ବିନୋଦ କୁମାର କର, ଡ଼ ସନ୍ଧ୍ୟାରାଣୀ ପାଢ଼ୀ, ଅଲେଖ ଚନ୍ଦ୍ର ଘଡ଼େଇ, ଡ଼ ରାଜେଶ ବାଗ, ମାନସ ରଞ୍ଜନ ରାଉତରାୟ, ଅଧାପକ ବିରୂପାକ୍ଷ ତ୍ରିପାଠୀ ଭାଗ ନେଇଥିଲେ।

# ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା

ବ୍ରହ୍ମପୁର,୧୭।୧(ତନୁଶ୍ରୀ ନାହାକ)

ଜାତୀୟ ଯୁବ ଦିବସ ଅବସରରେ ବ୍ରହ୍ମପୁର ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ବୁଧବାର ଗଂଜାମ କଳା ପରିଷଦ ଠାରେ ବକ୍ତୃତା, ପ୍ରବନ୍ଦ ଓ ସାଧାରଣ ଜ୍ଞାନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଲିକୋଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ କୁମାରମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶିକ୍ଷୟତ୍ରୀ ସୁନୀତା ସାହୁ, ଓଡ଼ିଆ ଅଧାପକ କୁରେଶ ମହାରଣା, ବାଣିଜ୍ୟ ଅଧାପକ ରବିନ୍ଦ୍ର ପଣ୍ଡା ପ୍ରମୁଖ ବିଚାରକ ଭାବେ ଉପସ୍ଥିତ ରହିଥିଲେ। ପ୍ରତିଯୋଗୀତା ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ରହ୍ମପୁର ନେହେରୁ ଯୁବ କେନ୍ଦ୍ର ସଦସ୍ୟ ମାନେଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗଞ୍ଜାମରେ ନୂଆ ମୁହଁଙ୍କୁ କଂଗ୍ରେସ ପର୍ଯ୍ୟବେକ୍ଷକ

ବ୍ରହ୍ମପୁର,୧୭।୧(ନରସିଂହ ସାହୁ)– ଚଳିତ ବର୍ଷର ସାଧାରଣ ନିର୍ବାଚନ ପାଇଁ ଗଞ୍ଜାମ ଜିଲାର ୧୩ ବିଧାନସଭା ନିର୍ବାଚନ ମଣ୍ଡଳି ନିମନ୍ତେ କଂଗ୍ରେସ ପର୍ଯ୍ୟବେକ୍ଷକ ତାଲିକା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପ୍ରକାଶ ପାଇଛି। ସବୁ ନୂଆ ମୁହଁକୁ ଦାୟିତ୍ୱ ଦିଆଯାଇଥିବା ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି। ବ୍ରହ୍ମପୁର ପାଇଁ ସୀମାଞ୍ଚଳ ପ୍ରଧାନଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ବଳରାମ ମହାରଣାଙ୍କୁ ଭଞ୍ଜନଗର, ଧନେନ୍ଦ୍ର ପାତ୍ରଙ୍କୁ ପୋଲସରା, ଅଭିରାମ ସେଠୀ କବିସୂର୍ଯ୍ୟନଗର, ପିଙ୍କୁ ନାୟକ ଖଲିକୋଟ, ଜଗନାଥ ନାୟକ ଛତ୍ରପୁର ଓ ସଦାନନ୍ଦ ପ୍ରଧାନଙ୍କୁ ଆସିକା ନିର୍ବାଚନ ମଣ୍ଡଳୀ ଦାୟିତ୍ୱ ଦିଆଯାଇଛି। ସେହିପରି ଯୁଧିଷ୍ଠିର ଗୌଡ଼ ସୋରଡ଼ା, ବସନ୍ତ ସାବତ ସାନଖେମୁଣ୍ଡି, ସନ୍ତୋଷ ସାହୁ ହିଞ୍ଜିଳି, ବି. ମୋହନ ରାଓ ଗୋପାଳପୁର, ପପୁ ବିଶ୍ୱାଳ ଦିଗପହଣ୍ଡି, ମନୋଜ ଆଚାର୍ଯ୍ୟ ଚିକିଟି ବିଧାନସଭା କ୍ଷେତ୍ର ପାଇଁ ପର୍ଯ୍ୟବେକ୍ଷକ ହୋଇଛନ୍ତି।

ସୂଚନାଯୋଗ୍ୟ ସାଧାରଣ ନିର୍ବାଚନ ଆଉ ମାତ୍ର ଅଳ୍ପ ମାସ ପରେ ହେବ। ଏହି ଜିଲାରେ ଶାସକ ବିଜେଡି ପକ୍ଷରୁ ରୀତିମତ ବିଭିନ୍ନ ଭାବରେ ସଂଗଠନକୁ ସୁଦୃଢ଼ କରାଯାଉଛି। ମୁଖ୍ୟ ବିରୋଧୀ ଦଳ ଭାଜପା ମଧ ବିଜେଡିକୁ ଚ୍ୟାଲେଞ୍ଜ କରିବାକୁ ପ୍ରସ୍ତୁତ ହେଉଛି। ସର୍ବପୁରାତନ ଜାତୀୟ ଦଳ କଂଗ୍ରେସ ନିରବଦ୍ରଷ୍ଟା ସାଜିଛି। ଦୀର୍ଘ ମାସ ହେବ ଦଳର ଜିଲାସ୍ତରୀୟ କର୍ମୀ ସମ୍ମିଳନୀ ହୋଇନାହିଁ। ଅତୀତରେ ଗଞ୍ଜାମ କଂଗ୍ରେସର ଦୁର୍ଗ ହୋଇଥିଲା। ଆଞ୍ଚଳିକ ରାଜନୈତିକ ଦଳ ବିଜେଡି ଗଠନ ପରେ କଂଗ୍ରେସ ରସାତଳଗାମୀ ହୋଇଛି। ୨୦୦୦ରୁ ୨୦୧୪ ମଧରେ ହୋଇଥିବା ୪ ନିର୍ବାଚନରେ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହୁଥିଲା।

୨୦୧୯ ନିର୍ବାଚନରେ ଜିଲାର ୧୩ ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୧୨ଟିରେ ବିଜେଡି ପ୍ରାର୍ଥୀମାନେ ବିପୁଳ ଭୋଟରେ ଜିତିଥିଲେ। କେବଳ ସାନଖେମୁଣ୍ଡି ଆସନରୁ କଂଗ୍ରେସ ପ୍ରାର୍ଥୀ ରମେଶ ଜେନା ନିର୍ବାଚିତ ହୋଇଥିଲେ। ଅନ୍ୟପକ୍ଷରେ ୧୨ ନିର୍ବାଚନ ମଣ୍ଡଳୀ ଫଳାଫଳରୁ କଂଗ୍ରେସ ତୃତୀୟ ସ୍ଥାନକୁ ଖସିଥିବା ବେଳେ ଭାଜପା ଦ୍ୱିତୀୟକୁ ଉଠିଥିଲା। ବିଡ଼ମ୍ବନାର ବିଷୟ ବ୍ରହ୍ମପୁର ସମେତ ଅନେକ ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀଙ୍କ ଅମାନତ ରହିନଥିଲା। ଏହି ଜିଲାରେ କଂଗ୍ରେସ କର୍ମୀ ଓ ସମର୍ଥକ ଅଛନ୍ତି। ନେତୃତ୍ୱ ସଙ୍କଟରୁ ଏହି ବୃହତ୍ତମ ଦଳ ପଛରେ ପଡ଼ିଥିବା ରାଜନୀତି ବିଶ୍ଲେଷକ ଚର୍ଚ୍ଚା କରୁଛନ୍ତି।

# ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ



ଗଞ୍ଜାମରେ ତାଲିମ ନେଉଛନ୍ତି ଛାତ୍ରୀ।



ବେଲଗୁଣ୍ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି

**ଭଞ୍ଜନଗର, ୧୭।୧(ବାବୁଲା ପ୍ରଧାନ)**

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଯୁକ୍ତ ୨ ବାଳିକା ଆତ୍ମରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଭାରପ୍ରାପ୍ତ ଅଧକ୍ଷା ଆରତି ବାଳା ପ୍ରଧାନ ବୈଠକରେ ଅଧକ୍ଷତା କରିବା ସହ ଶିବିରର ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ସଂଯୋଜିକା ଅଧାପିକା ତୃପ୍ତିମୟୀ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଇଂଲିଶ ବିଭାଗ ମୁଖ୍ୟ ପ୍ରାଧାପକ ବିଭାସ ଦାସ, ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ଅଧାପକ ହରପ୍ରସାଦ ସତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂଯୋଜକ ଡ. ରବୀନ୍ଦ୍ର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଛାତ୍ରୀ ରୀତା ଖଟେଇ, ଇତିଶ୍ରୀ ସ୍ୱାଇଁ ତାଲିମଦାତା ଭାବେ ଯୋଗ ଦେଇଛନ୍ତି।

**ଗଞ୍ଜାମ,(ବିଦ୍ୟାଧର ସାହୁ):** ଗଞ୍ଜାମ ବ୍ଲକ୍ ହୁମ୍ମା ସଲ୍ଟ ଉଚ୍ଚ ମାଧମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧକ୍ଷ ନିରଞ୍ଜନ ରଥ ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଇଂଲିଶ ଅଧାପିକା ବନିତା ଶତପଥୀ ଛାତ୍ରୀଙ୍କ ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧାପିକା ଅଧାପକ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ମାଷ୍ଟର ତାଲିମ ଶିକ୍ଷୟିତ୍ରୀ ରିତା ଦାସ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଦୀର୍ଘ ୮ ଦିନ ଧରି ଚାଲିବ ବୋଲି ଅଧକ୍ଷ ସୂଚନା ଦେଇଥିଲେ।

**ବେଲଗୁଣ୍ଠା,(କୃଷ୍ଣଚନ୍ଦ୍ର ପଟ୍ଟନାୟକ)** ବେଲଗୁଣ୍ଠା ବ୍ଲକ କ୍ଷତ୍ରିୟବରପୁରସ୍ଥିତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ଉଦ୍‌ଘାଟିତ ହୋଇଯାଇଛି ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ। ଏଥିରେ ଅଧକ୍ଷ କୁମୁଦ ଚନ୍ଦ୍ର ମହାପାତ୍ର ପୌରୋହିତ୍ୟ କରିଥିଲେ। ଯୁବ ରେଡ୍‌କ୍ରସ ଉପଦେଷ୍ଟା ସୁଶାନ୍ତ କୁମାର ଲେଙ୍କା, ମାଷ୍ଟର ଟ୍ରେନର ଅର୍ଚ୍ଚନା ବିଶ୍ୱାଳ, ସୁରଭି ବେହେରା ଏବଂ ବର୍ଷାରାଣୀ ସ୍ୱାଇଁ ମଞ୍ଚାସୀନ ରହି କାର୍ଯ୍ୟକ୍ରମର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ।

**ବୁଗୁଡା,(କାଳିଚରଣ ଦାଶ)** ସ୍ଥାନୀୟ ପିପୁଲ୍ସ ଉଚ୍ଚ ମାଧମିକ ବିଦ୍ୟାଳୟ ପକ୍ଷରୁ ସ୍ୱପରିସରରେ ଆୟୋଜିତ ମହିଳା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ହରିକୃଷ୍ଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅଧାପକ ସଞ୍ଜୟ କୁମାର ପ୍ରଧାନ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ତାଲିମ ଗ୍ରହଣର ଉପଯୋଗିତା ସମ୍ପର୍କରେ ଅନେକ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ସଂଯୋଜିକା ରଶ୍ମିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ତାଲିମ୍ ଶିବିରରେ ୨୧୮ ଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ମାଷ୍ଟର ଟ୍ରେନର୍ ପୂଜାରାଣୀ ସ୍ୱାଇଁ ଓ ସଙ୍ଗୀତା ଜେନା ପ୍ରମୁଖ ସେମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

